
୧୪ ଜୁନ୍ ୨୦୨୬ ରବିବାର
ସମୟ
ରଜ
ମଉଜ







ରଜ ଓଡ଼ିଶାର ଏକ ପାରମ୍ପରିକ ପର୍ବ ଓ ରାଜ୍ୟର ଗଣପର୍ବ । ଏହା ତିନିଦିନ ଧରି ପାଳନ କରାଯାଇଥାଏ । ଏହାର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ଓ ଏହା ପରେ ବର୍ଷା ଋତୁ ଆରମ୍ଭ ହୁଏ । ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିବସ ହେଉଛି ରଜ ସଂକ୍ରାନ୍ତି, ତୃତୀୟ ଦିବସ ହେଉଛି ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ । ଏହା ଚାଷର ଆରମ୍ଭକୁ ସୂଚାଇଥାଏ । ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଙ୍କେତିକ ଭାବ ବହନ କରିଥାଏ । ଏହି ଦିନରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି । ରଜରେ ପୋଡ଼ ପିଠା ଓ ପାନ ଖିଆ ସହିତ ଝିଅମାନଙ୍କ ରଜ ଦୋଳି ଓ ପୁଚି ଖେଳ ସହ ପୁଅମାନଙ୍କ ଲୁଡୁ, ତାସ, ବାଗୁଡ଼ି ଆଦି ଖେଳି ଏହି ଦିବସଟି ପାଳନ କରାଯାଇଥାଏ ।

## ବିଶେଷତ୍ୱ

ଆଷାଢ ମାସ ଚତୁର୍ମାସ୍ୟା ବ୍ରତର ପ୍ରଥମ ମାସ, ଏ ଚାରି ମାସ ମୁନି ଋଷି ଓ ସାଧବମାନେ ସେମାନଙ୍କ ପରିଭ୍ରମଣ ତ୍ୟାଗ କରି

**ଗ୍ରୀଷ୍ମର ଦାରୁଣ ଭିତରେ ଖୁସି ଆଣିଥାଏ ରଜ ପର୍ବ । ନାରୀର ସମ୍ମାନରେ ପାଳନ ହେଉଥିବା ଏହି ପର୍ବକୁ ସମସ୍ତେ ବେଶ୍ ଉତ୍କଣ୍ଠାର ସହିତ ଅପେକ୍ଷା କରିଥାଆନ୍ତି । ଚାରିଦିନ ଧରି ପାଳନ ହେଉଥିବା ଏହି ପର୍ବର ବାସ୍ନାରେ ପୁରି ଉଠେ ପୁରପଲ୍ଲୀ ।**





ଏକସ୍ଥାନରେ ନିବିଷ୍ଟ ହୋଇ ସାଧନା କରିଥା'ନ୍ତି । ଆଷାଢ଼ ମାସରେ ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ । ମାଟି ମା' ହୁଏ ରଜସ୍ୱଳା । କୃଷିପ୍ରଧାନ ଦେଶ ଭାବେ ଖ୍ୟାତି ଲାଭ କରିଥିବା ଆମଦେଶରେ ମାଟି ମା' ବହୁ କିସମର ଫସଲ ଆମକୁ ଦେଇଥାଏ । ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମା'କୁ ରଜ ତିନିଦିନ ବିଶ୍ରାମ ଦିଆଯାଏ ବୋଲି ବିଶ୍ୱାସ ଅଛି । ପହିଲି ରଜରେ ଆରମ୍ଭ ହୁଏ ପ୍ରସ୍ତୁତି ପର୍ବ । ତିନିଦିନ ଧରି ଧରଣୀ ମାତାକୁ ବିଶ୍ରାମ ଦିଆଯାଏ, ଯେଉଁଥିପାଇଁ ଭୂ ଖନନ ବାରଣ କରାଯାଇଥାଏ । ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ । କୁମାରୀମାନଙ୍କ ପାଇଁ ରଜପର୍ବ ହେଉଛି ତାଲିମ ପ୍ରଦାନକାରୀ ପର୍ବ । ଆଷାଢ଼ର ପହିଲି ବର୍ଷାରେ ମାଟି ମା'ର ପ୍ରଜନନ ଶକ୍ତି ଜାଗ୍ରତ ହୋଇଥାଏ, ଏହି କାରଣରୁ ଧରଣୀମାତାକୁ ରଜସ୍ୱଳା ସ୍ତ୍ରୀ ସହିତ ତୁଳନା କରାଯାଏ । ଅବିବାହିତା ଝିଅଙ୍କ ପାଇଁ ଗର୍ଭଧାରଣ କ୍ଷମତା ପ୍ରାପ୍ତିର ଏକ ସାଙ୍କେତିକ ପର୍ବ ହେଉଛି ରଜ । ଜଣେ ନାରୀଭାବେ ଆଗାମୀ ଦିନରେ କି କି କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ, ତାହା କୁମାରୀମାନଙ୍କୁ ଶିଖିବାକୁ ପଡ଼ିଥାଏ, ଏହି ରଜ ପର୍ବ ପାଳନ ଅବସରରେ । କୁମାରୀମାନେ ରଜପର୍ବର ମଉଜ ଭିତରେ ଜଣେ ନାରୀର ଚଳଣି, ଆଚାରସଂହିତାକୁ ବିଧିଭାବେ ପାଳିଥାଆନ୍ତି । ଭବିଷ୍ୟତରେ ଯେତେବେଳେ ଝିଅଟିଏ ନାରୀଭୂମିକାରେ ଅବତୀର୍ଣ୍ଣ ହୋଇ କର୍ତ୍ତବ୍ୟ ସମ୍ପାଦନ କରେ, ଏହି ଆଚାରସଂହିତା ତାକୁ ସହାୟ ହୋଇଥାଏ । ରଜ ତିନିଦିନ ଧରି ରଜସ୍ୱଳା ନାରୀଭାବେ ଧରଣୀମାତାକୁ କଷ୍ଟ ନ ଦେଇ ଭୂମି କର୍ଷଣ ନ କରି ବିଶ୍ରାମ ଦେଲାଭଳି କଟା, ବଟା ଆଦି ଗୃହକର୍ମ ନ କରି କୁମାରୀମାନେ ବିଶ୍ରାମ କରନ୍ତି । ଧରଣୀ ମାତା ଶସ୍ୟଶ୍ୟାମଳାପୂର୍ଣ୍ଣ ହେବା ପାଇ ପ୍ରାଥମିକ ପ୍ରସ୍ତୁତି ଭାବେ ରଜ ତିନିଦିନ ବିଶ୍ରାମ ମିଳିଥାଏ ତାଙ୍କୁ । ଠିକ ସେହିପରି ଝିଅବୋହୂମାନଙ୍କ ଭବିଷ୍ୟତ ସାଂସାରିକ ଜୀବନ ସୁଖମୟ କରିବାକୁ ରଜପର୍ବର କଳ୍ପନା କରାଯାଇଛି । ରଜପର୍ବର ବିଧିବିଧାନକୁ ସେମାନେ ନିଜେ ପାଳନ କରି ଜଣେ ମାତାର କର୍ତ୍ତବ୍ୟକୁ ସୁଚାରୁରୂପେ ତୁଲାଇପାରିବେ ଏବଂ ଭବିଷ୍ୟତରେ ନିଜ ଝିଅମାନଙ୍କୁ ସ୍ୱଅନୁଭୂତିରୁ ଶିଖି ସଂସାର ନିୟମ ଶିଖାଇବେ ।

## ପାଳନ

ଏହି ପର୍ବ ପାଳନ ବେଳରେ ଘରର ଘରଣୀମାନେ ସାଧାରଣ କାମରୁ ଛୁଟି ନେଇ ନାନାଦି ଖେଳରେ ମାତନ୍ତି । ଅଭିଆଡ଼ି ଝିଅମାନେ ଶାଢ଼ୀ ଆଦି ପିନ୍ଧି ରଜ ଦୋଳି ଖେଳ, ପୁଚି ଖେଳ ଆଦିରେ ସମୟ ଅତିବାହିତ କରିଥାନ୍ତି । ଏହି ଦିନ ଧରିତ୍ରୀ ମାଆକୁ ସମ୍ମାନ ଦେଇ କେହି ଭୂଇଁ ଉପରେ ଖାଲି ପାଦରେ ଚାଲିନଥାନ୍ତି । ପତ୍ର/ଖୋଳପାରେ ତିଆରି କଠଉରେ ଭୂଇଁ ଉପରେ ଚାଲିବାର ବିଧି ରହିଛି । ଏହି ଦିନ ପୋଡ଼ ପିଠା, ଚକୁଳି ପିଠା ଆଦି ଖିଆଯାଇଥାଏ । ପରମ୍ପରା ଅନୁସାରେ ଏହି ଦିନ ଭୂମି ଉପରେ ଖାଲିପାଦରେ ଚାଲିବାକୁ ମନା କରାଯାଇଥାଏ । କୁମାରୀମାନେ ଖାଲି ପାଦରେ ଚାଲନ୍ତି ନାହିଁ, ଅଧିକାଂଶ ସମୟ ଦୋଳିରେ ଝୁଲନ୍ତି ଏବଂ ଗୁଆ ଖୋଳପା କିମ୍ବା ଚପଲ ପିନ୍ଧି ଚଳପ୍ରଚଳ ହୁଅନ୍ତି ।

## ବସୁମତୀ ସ୍ନାନ

ବସୁମତୀ ସ୍ନାନ ହେଉଛି ରଜ ପର୍ବର ଅନ୍ତିମ ଦିବସ । ଏହା ବସୁଧାମାତାଙ୍କ ଶୁଦ୍ଧ ସ୍ନାନ । ଏହା ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ରୂପେ ପ୍ରଖ୍ୟାତ । ବଡ଼ି ସକାଳୁ ଶିଳପୁଆରେ ହଳଦୀ କନା ଗୁଡ଼ାଇ ସିନ୍ଦୂର, କଜଳ ଦେଇ ଧରଣୀ ମାତାଙ୍କ ସ୍ୱରୂପ ସଜାଇ ପିଢ଼ା ଉପରେ ସ୍ଥାପନା କରି କଳସ ଆମ୍ବଡ଼ାଳ ରଖି କ୍ଷୀର ଦେଇ ସ୍ନାନ କରାଯାଏ । ମାସିକ ଧର୍ମର ବିଧି ଅନୁଯାୟୀ ଧରଣୀ ମାତା ତିନିଦିନ ବିଶ୍ରାମ ପରେ ସ୍ନାନ କରି ଶୁଦ୍ଧ ପବିତ୍ର ହୋଇଥା'ନ୍ତି । ମାର୍ଗଶୀର ଶେଷ ଗୁରୁବାରଦିନ ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଡ଼ି ଏହି ଦିନ ଖୋଲାଯାଇଥାଏ । ରଜସ୍ୱଳାନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବାପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଏହି ଶୁଦ୍ଧ ସ୍ନାନ ପର୍ବ । ଏହି ଦିନ ରଜପର୍ବର ଆନନ୍ଦ ଉଲ୍ଲାସ ମଉଳି ଯାଇ







ଆଧ୍ୟାତ୍ମିକତା ସ୍ଥାନ ନେଇଥାଏ । ଏହି ବସୁମତୀ ସ୍ନାନ ଦିବସରେ ଧରଣୀ ମାତା ପ୍ରତି ଭକ୍ତିଭାବ ଜାଗ୍ରତ ହୋଇଥାଏ । ବସୁମାତା ରଜସ୍ୱଳା ହୋଇ ଶୁଦ୍ଧସ୍ନାନ ପରେ ସୃଜନ କ୍ଷମତାଶୀଳା ଅର୍ଥାତ ଶସ୍ୟ ବୀଜ ଧାରଣକାରିଣୀ ହୋଇପାରିଥାନ୍ତି ।

## ରଜ ସୁଆଦ

ରଜ ପର୍ବ ଓଡ଼ିଶାର ଏକ ଗଣପର୍ବ, ଯାହା ବସୁମତୀଙ୍କ ଆରାଧନା ଏବଂ ନାରୀତ୍ୱର ଉତ୍ସବ ଭାବେ ପାଳନ କରାଯାଏ । ରଜ କହିଲେ ଘରେ ଘରେ ଦୋଳିର ଆସର ଏବଂ ସୁଆଦିଆ ପାରମ୍ପରିକ ପିଠାପଣାର ମହକ ମନକୁ ଆନ୍ଦୋଳିତ କରିଥାଏ । ଏହି ପର୍ବରେ ପ୍ରତିଟି ଘରେ ପ୍ରସ୍ତୁତ ହୋଇଥାଏ କିଛି ସ୍ୱତନ୍ତ୍ର ସୁଆଦିଆ ପିଠାପଣା, ଯାହା ରଜର ମଉଜକୁ ଦ୍ୱିଗୁଣିତ କରିଥାଏ ।

## ପୋଡ଼ ପିଠା

ରଜ ପର୍ବର ସବୁଠାରୁ ପ୍ରମୁଖ ଏବଂ ପାରମ୍ପରିକ ଖାଦ୍ୟ ହେଉଛି 'ପୋଡ଼ ପିଠା'। ଏହା ବିନା ରଜ ପର୍ବ ସମ୍ପୂର୍ଣ୍ଣ ଅଧୁରା । ପ୍ରଥମେ ଚାଉଳ ଏବଂ ବିରିକୁ ଭଲଭାବେ ବଟାଯାଇ ଏକ ମିଶ୍ରଣ ପ୍ରସ୍ତୁତ କରାଯାଏ । ଏହି ମିଶ୍ରଣରେ ଗୁଡ଼, କୋରା ନଡ଼ିଆ, ନଡ଼ିଆ ଖଣ୍ଡ, କାଜୁ, କିସମିସ, ଗୁଜୁରାତି ଗୁଣ୍ଡ ଏବଂ ଅଳ୍ପ ଘିଅ ମିଶାଇ କିଛି ସମୟ ରଖାଯାଏ । ପାରମ୍ପରିକ ଶୈଳୀରେ ଏକ ମାଟି ପାତ୍ର ବା କଡ଼େଇରେ କଦଳୀ ପତ୍ର ବିଛାଇ, ସେଥିରେ ଏହି ମିଶ୍ରଣକୁ ଢାଳି ଉପରେ ଏବଂ ତଳେ ନିଆଁ କୋଇଲା ଦେଇ ଧୀମା ଆଞ୍ଚରେ ରାତିସାରା ପୋଡ଼ାଯାଏ । ଏହାର ବାହାର ପାଖ ସାମାନ୍ୟ କଠିନ ଏବଂ ଭିତର ପାଖ ଅତି ନରମ ଓ ସୁଆଦିଆ ହୋଇଥାଏ । ସେହିଭଳି ପଣସ ଓ ତାଳରୁ ମଧ୍ୟ ପ୍ରସ୍ତୁତ ହୋଇଥାଏ ପୋଡପିଠା ।

## ଚକୁଳି ପିଠା

କିଛି ସ୍ଥାନରେ ରଜ ସଂକ୍ରାନ୍ତିର ପୂର୍ବ ଦିନ ଅର୍ଥାତ୍ ପହିଲି ରଜରେ ଘରେ ଘରେ ସରୁ ଚକୁଳି କିମ୍ବା ବୁଢ଼ା ଚକୁଳି ତିଆରି ହେବାର ପରମ୍ପରା ରହିଛି । ବିରି ଏବଂ ଚାଉଳକୁ ସମାନ ଅନୁପାତରେ ଭିଜାଇ ଏକ ସୂକ୍ଷ୍ମ ଆଣ ପ୍ରସ୍ତୁତ କରାଯାଏ । ସରୁ ଚକୁଳି ପାଇଁ ତାୱାରେ ସାମାନ୍ୟ ତେଲ ବା ଘିଅ ଲଗାଇ ଏହି ବାଟଣକୁ ପତଳା କରି ବିଛାଇ ଦୁଇ ପାଖ ସେକାଯାଏ । ବୁଢ଼ା ଚକୁଳି ପାଇଁ ଏହି ମିଶ୍ରଣକୁ ଟିକେ ମୋଟା ରଖି ସେଥିରେ ଗୁଡ଼, ଛେନା ଏବଂ ନଡ଼ିଆ ମିଶାଇ ପ୍ରସ୍ତୁତ କରାଯାଏ ।

## ମଣ୍ଡା ପିଠା

ସିଝା ମଣ୍ଡା ହେଉ କିମ୍ବା ଭଜା ମଣ୍ଡା, ରଜ ସମୟରେ ଖାସ କରି ଝିଅମାନଙ୍କ ପାଇଁ ଏହା ବହୁତ ପସନ୍ଦର ଖାଦ୍ୟ ହୋଇଥାଏ । ଏହାର ପ୍ରସ୍ତୁତି ପ୍ରଣାଳୀ ମଧ୍ୟ ବେଶ ସ୍ୱତନ୍ତ୍ର ହୋଇଥାଏ । ପ୍ରଥମେ ପାଣି ଫୁଟାଇ ସେଥିରେ ଚାଉଳ ଗୁଣ୍ଡ କିମ୍ବା ସୁଜି ପକାଇ ଜନ୍ତଣି ପ୍ରସ୍ତୁତ କରାଯାଏ । ପିଠା ଭିତରେ ଦେବା ପାଇଁ ନଡ଼ିଆ କୋରା, ଗୁଡ଼/ଚିନି, କାଜୁ ଏବଂ ଗୁଜୁରାତି ଗୁଣ୍ଡକୁ ଭାଜି ଏକ ସୁଆଦିଆ ପୁର ପ୍ରସ୍ତୁତ ହୁଏ । ଏହାପରେ ଜନ୍ତଣିକୁ ହାତରେ ଗୋଲାକାର କରି ଭିତରେ ନଡ଼ିଆ ପୁର ଦେଇ ବନ୍ଦ କରାଯାଏ । ଶେଷରେ ଏହାକୁ ପାଣିରେ ସିଝାଯାଏ କିମ୍ବା ତେଲରେ ଛଣାଯାଏ ।

## ଖାସୀ ମାଂସ ଝୋଳ

ରଜର ଅନ୍ୟଏକ ଖୁସି ଖାସୀ ମାଂସ ଝୋଳ । ଅନେକଙ୍କ ଘରେ ରଜରେ ମାଂସକୁ ଆଳୁ ଓ ଅନ୍ୟ ସମସ୍ତ ମସଲା ଦେଇ ପ୍ରସ୍ତୁତ ହୋଇଥାଏ। ପ୍ରଥମେ ପିଆଜକୁ ସୋରଷ ତେଲରେ ଜରା ଯାଇଥାଏ । ଏହାପରେ ରସୁଣ ଓ ଅଦା ବଟା ଦିଆଯାଇଥାଏ। ଏହାପରେ ସମସ୍ତ ଗୁଣ୍ଡ ମସଲା ପକାଯାଇ କସା ଯାଇଥାଏ । ମସଲାରୁ ତେଲ ଛାଡିଆସିଲେ ଏଥିରେ ଆଳୁ ଓ ମାଂସ ପକାଇ ଭଜା ଯାଇଥାଏ । ଏହିପରି ଭଲ କରି କସିବା ପରେ ପାଣି ଦେଇ ମାଂସ ସିଝିବାଯାଏଁ ଫୁଟା ଯାଇଥାଏ । ଏହାକୁ ଏହି ସମୟରେ କାଠ ଚୁଲିରେ ପ୍ରସ୍ତୁତ କରାଯାଉଥିବାର ଏହାର ସ୍ୱାଦ ଆହୁରି ବଢିଯାଇଥାଏ ।

## ରଜ ପାନ

ରଜ ପର୍ବ 'ରଜ ପାନ' ବିନା ସମ୍ପୂର୍ଣ୍ଣ ଅସମ୍ପୂର୍ଣ୍ଣ । ଏହି ଦିନରେ ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କୁ ପାନଖଣ୍ଡେ ଦେଇ ସ୍ୱାଗତ କରିବା ଓଡ଼ିଶାର ଏକ ସୁନ୍ଦର ସଂସ୍କୃତି । ସତେଜ ପାନ ପତ୍ରରେ ପ୍ରଥମେ ଚୂନ ଲଗାଯାଏ । ଏହାପରେ ସେଥିରେ ଗୁଆ ଗୁଣ୍ଡ, ମିଠା ମସଲା, ଗୁଲକନ୍ଦ, ନଡ଼ିଆ ଗୁଣ୍ଡ, ଚେରୀ, ଗୁଜୁରାତି, ଲବଙ୍ଗ ଏବଂ ଧନିଆ ଭଳି ଅନେକ ମସଲା ପକାଇ ଏହାକୁ ତ୍ରିକୋଣାକାର ଭାବେ ଭଙ୍ଗାଯାଏ । ଏହି ମିଠା ପାନ ପାଟିରେ ପୂରାଇଲେ ମନ ଖୁସିରେ ଭରିଯାଏ ।





**ରଜ ଆସିଲେ ଓଡ଼ିଆ ଘରର ଝିଅ ଓ ମହିଳାମାନଙ୍କ ମଧ୍ୟରେ ସବୁଠାରୁ ଅଧିକ କ୍ରେଜ୍ ସଜବାଜ ଏବଂ ନୂଆ ପୋଷାକକୁ ନେଇ ଦେଖିବାକୁ ମିଳିଥାଏ । ରଜ ବଜାରରେ ସବୁବର୍ଷ ପାରମ୍ପରିକ ଓଡ଼ିଆ ପୋଷାକ ସହିତ ଆଧୁନିକ ଷ୍ଟାଇଲ୍‌ର ଏକ ଅପୂର୍ବ ସମନ୍ୱୟ ବା 'ଫ୍ୟୁଜନ୍ ଟ୍ରେଣ୍ଡ୍' ଦେଖିବାକୁ ମିଳିଥାଏ ।**

# ସଜବାଜ



## ଫ୍ୟୁଜନ୍ ଶାଢ଼ୀ

ଚଳିତ ବର୍ଷ ରଜରେ ପାରମ୍ପରିକ ହ୍ୟାଣ୍ଡଲୁମ୍ ଶାଢ଼ୀ ସହିତ ରେଡିମେଡ୍ କ୍ରପ୍ ଟପ୍ କିମ୍ବା ଜ୍ୟାକେଟ୍ ଷ୍ଟାଇଲ୍ ବ୍ଲାଉଜ୍‌ର ଚଳନ ସବୁଠାରୁ ଟ୍ରେଣ୍ଡିଂ ରହିଛି । ଓଡ଼ିଶାର ପ୍ରସିଦ୍ଧ ସମ୍ବଲପୁରୀ, ମଣିଆବନ୍ଧୀ ଓ ସୋନପୁରୀ ସାନ୍ତାଳୀ ଶାଢ଼ୀକୁ ଯୁବତୀମାନେ ନୂଆ ଡିଜାଇନର ବେଲ୍ଟ ଏବଂ ଆଧୁନିକ କଟ୍ ଥିବା ବ୍ଲାଉଜ୍ ସହ ପିନ୍ଧିବାକୁ ବେଶ୍ ପସନ୍ଦ କରୁଛନ୍ତି । ଏହି ଶୈଳୀଟି ଓଡ଼ିଆ ପରମ୍ପରାକୁ ବଜାୟ ରଖିବା ସହ ଏକ ସ୍ମାର୍ଟ ଏବଂ କମ୍ଫର୍ଟେବଲ୍ ଲୁକ୍ ପ୍ରଦାନ କରୁଛି ।

## ଅନାରକଲି ଓ ଆଲିଆ କଟ୍ ସୁଟ୍

ସାଲୱାର ସୁଟ୍ କଲେକ୍ସନ ମଧ୍ୟରେ ଏଥର 'ଆଲିଆ କଟ୍' ଏବଂ ଫ୍ଲୋରାଲ୍ ପ୍ରିଣ୍ଟର ଅନାରକଲି କୁର୍ତ୍ତୀ ବଜାରରେ ବହୁଳ ଭାବେ ବିକ୍ରି ହେଉଛି । ବିଶେଷ କରି ସୂତା, ଜର୍ଜେଟ୍ ଏବଂ ଅର୍ଗେଞ୍ଜା କପଡ଼ାରେ ତିଆରି ହାଲୁକା ତଥା ଚମକଦାର ପୋଷାକ ପ୍ରତି ମହିଳାମାନେ ଅଧିକ ଆକୃଷ୍ଟ ହେଉଛନ୍ତି । ରଜ ସମୟରେ ଗରମ ଓ ଗୁଳୁଗୁଳି ହେଉଥିବାରୁ ଏହି ପୋଷାକଗୁଡ଼ିକ ପିନ୍ଧିବା ପାଇଁ ବହୁତ ଆରାମଦାୟକ ।

## କର୍ଡ ସେଟ୍

କଲେଜ ପଢୁଆ ଝିଅ ଏବଂ କର୍ମଜୀବୀ ମହିଳାମାନଙ୍କ ପାଇଁ ଏଥର ଇଣ୍ଡୋ-ୱେଷ୍ଟର୍ଣ୍ଣ ଗାଉନ୍ ଏବଂ ହ୍ୟାଣ୍ଡଲୁମ୍ ପ୍ରିଣ୍ଟେଡ୍ କର୍ଡ ସେଟ୍ ଏକ ନୂଆ ବିକଳ୍ପ ସାଜିଛି । ଇକତ୍ କିମ୍ବା ବାନ୍ଧକଳାର ଡିଜାଇନ୍ ଥିବା କ୍ଲାସିକ୍ ଟ୍ୟୁନିକ ସହିତ ପ୍ଲାଜୋ କିମ୍ବା ଷ୍ଟ୍ରେଟ୍ ପ୍ୟାଣ୍ଟର ଯୋଡ଼ି ଷ୍ଟାଇଲିସ୍ ଲୁକ କ୍ରିଏଟ କରିଥାଏ । ଏହି ପୋଷାକଗୁଡ଼ିକ ୱେଷ୍ଟର୍ଣ୍ଣ ଷ୍ଟାଇଲ୍ ହୋଇଥିଲେ ସୁଦ୍ଧା ଏଥିରେ ଥିବା ଓଡ଼ିଆ ଦେଶୀ ଛାପ ଏହାକୁ ରଜ ପର୍ବର ମାହୋଲ୍ ପାଇଁ ଏକଦମ୍ ପରଫେକ୍ଟ କରିବ ।





## ଅଳତା, ମେହେନ୍ଦୀ ଏବଂ ଗହଣା

ପୋଷାକ ସହିତ ରଜ ସଜବାଜର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ପାଦରେ ଅଳତା ଏବଂ ହାତରେ ମେହେନ୍ଦୀ । ଚଳିତ ବର୍ଷ ଗହଣା ଟ୍ରେଣ୍ଡରେ କଟକର ପ୍ରସିଦ୍ଧ ରୂପା ତାରକସି ବା 'ସିଲଭର ଫିଲିଗ୍ରୀ' ର ଅକ୍ସିଡାଇଜ୍ଡ ଗହଣା, ବଡ଼ ଝୁମୁକା ଏବଂ ନୋଲେସ୍ ବହୁତ ପପୁଲାର୍ ରହିଛି । ସମସ୍ତଙ୍କର ଏହା ପ୍ରଥମ ପସନ୍ଦ ପାଲଟିଛି । ଶାଢ଼ୀ ହେଉ କିମ୍ବା କୁର୍ତ୍ତୀ, ଏହି ରୂପା ଗହଣା ଏବଂ ପାଦରେ ଲାଲ୍ ଅଳତାର ଚମକ ପ୍ରତିଟି ଓଡ଼ିଆ ଝିଅର ରଜ ସଜବାଜକୁ ସମ୍ପୂର୍ଣ୍ଣ ଏବଂ ଆକର୍ଷଣୀୟ କରିଥାଏ ।





# ରଜ ରିଲିଜ

**ଓଡ଼ିଶାର ସବୁଠାରୁ ବଡ଼ ସାଂସ୍କୃତିକ ତଥା ଗଣପର୍ବ 'ରଜ' ଅବସରରେ ଓଲିଉଡ୍ ବକ୍ସ ଅଫିସରେ ଏକ ବଡ଼ ଧରଣର ମହାସମର ଦେଖିବାକୁ ମିଳୁଛି । ପ୍ରତିବର୍ଷ ଭଳି ଚଳିତ ୨୦୨୬ ମସିହାର ରଜ ବଜାରକୁ ସରଗରମ କରିବା ପାଇଁ ଓଡ଼ିଆ ସିନେମା ଜଗତର ବଡ଼ ବଡ଼ ପ୍ରଯୋଜନା ସଂସ୍ଥା ଓ ସୁପରଷ୍ଟାରମାନେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଚଳିତ ରଜ ଋତୁରେ ଭିନ୍ନ ଭିନ୍ନ ସ୍ୱାଦର ଚାରି-ଚାରିଟି ମେଗା ଓଡ଼ିଆ ଚଳଚ୍ଚିତ୍ର ଏକାସଙ୍ଗେ ଜୁନ୍ ୧୨ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି, ଯାହା ପ୍ରେକ୍ଷାଳୟରେ ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ଯୋଗାଇବ । ସସପେନ୍ସ ଥ୍ରୀଲରଠାରୁ ଆରମ୍ଭ କରି ରୋମାଣ୍ଟିକ୍ ଡ୍ରାମା ଏବଂ ଐତିହାସିକ କାହାଣୀ ପର୍ଯ୍ୟନ୍ତ, ଏହି ବର୍ଷର ରଜକୁ ବେଶ ମନୋରଞ୍ଜନକର କରିବ ।**




**ଡାଏରୀ:** ଓଲିଉଡର ପ୍ରସିଦ୍ଧ ନିର୍ଦ୍ଦେଶକ ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶନାରେ ଏବଂ 'ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ' ବ୍ୟାନରରେ ପ୍ରସ୍ତୁତ ହୋଇଛି ଚଳଚ୍ଚିତ୍ର 'ଡାଏରୀ' । ଏଥିରେ ଆକ୍ସନ ହିରୋ ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁ ନିଜର ଚିରାଚରିତ ଷ୍ଟାଇଲ୍ ବଦଳାଇ ସମ୍ପୂର୍ଣ୍ଣ ଭିନ୍ନ ଏବଂ ରୋମାଣ୍ଟିକ୍ ଅବତାରରେ ନଜର ଆସୁଥିବା ବେଳେ ତାଙ୍କ ସହ ଅଛନ୍ତି ଜାସମିନ୍ ରଥ ଓ ପ୍ରଜ୍ଞା ମିଶ୍ର । ଅର୍ଦ୍ଧେନ୍ଦୁଙ୍କୁ ଏଥର ଦର୍ଶକେ ଜଣେ ଭାବପ୍ରବଣ ଓ ପ୍ରେମୀ ଯୁବକ ଭୂମିକାରେ ଦେଖିବାକୁ ପାଇବେ । ପ୍ରେମ, ହୃଦୟଭଙ୍ଗା ଆବେଗ ଏବଂ ଅନେକ ଲୁକ୍କାୟିତ ରହସ୍ୟକୁ ନେଇ 'ଡାଏରୀ'ର ପ୍ରତିଟି ପୃଷ୍ଠା ଖୋଲିବ, ଯାହା ହଲକୁ ଆସୁଥିବା ରୋମାଣ୍ଟିକ୍ ସିନେପ୍ରେମୀଙ୍କୁ ଭାବବିହ୍ୱଳ କରିଦେବବୋଲି ମେକର୍ସ ଆଶା ରଖିଛନ୍ତି ।



**ଶିକାର:** 'ମୁନ୍ ଟିଭି ମୁଭିଜ୍' ବ୍ୟାନରରେ ନିର୍ମିତ 'ଶିକାର' ଚଳଚ୍ଚିତ୍ର ମାଧ୍ୟମରେ ଆକ୍ସନ ଷ୍ଟାର୍ ଅମ୍ଲାନ ଦାସ ଏକ ଜବରଦସ୍ତ କ୍ରାଇମ୍ ଥ୍ରୀଲର ସହ ପରଦାକୁ ଫେରୁଛନ୍ତି । ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ ଏହି ହାଇ-ଭୋଲଟେଜ୍ ସିନେମାରେ ଅମ୍ଲାନଙ୍କ ସହ ଲିଡ୍ ରୋଲ୍‌ରେ ନଜର ଆସିବେ ଲୋକପ୍ରିୟ ଅଭିନେତ୍ରୀ ଏଲିନା ସାମନ୍ତରାୟ । ଚଳଚ୍ଚିତ୍ରର କାହାଣୀରେ ଆକ୍ସନ, ସସପେନ୍ସ ଏବଂ ମନଛୁଆଁ ଇମୋସନର ଏକ ସୁନ୍ଦର ମିଶ୍ରଣ ଦେଖିବାକୁ ମିଳିବ । ଏଲିନା ଏଥିରେ ଜଣେ ଆଇନଜୀବୀ ଭୂମିକାରେ ଅଭିନୟ କରିଛନ୍ତି, ଯିଏ ଅମ୍ଲାନଙ୍କ ଚରିତ୍ର ସହ ଜଡ଼ିତ ଏକ ବଡ଼ ଅପରାଧିକ ମାମଲାର ରହସ୍ୟ ଖୋଜୁଛନ୍ତି । ଦମଦାର୍ ଗୁଳିବିନିମୟ ଏବଂ କୋର୍ଟରୁମ୍ ଡ୍ରାମା ଥିବା ଏହି ଫିଲ୍ମଟି ଯୁବପିଢ଼ିଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି ।

**ଦି ମିଲେଟ୍ ଡାଏରୀ :** 'ଇନଫାଇସନ୍ ଏଣ୍ଟରଟେନମେଣ୍ଟ' ପ୍ରଯୋଜିତ 'ଦି ମିଲେଟ୍ ଡାଏରୀ' ଚଳିତ ରଜ ବଜାରକୁ ଏକ ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର ଓ ସାଂସ୍କୃତିକ ଅନୁଭୂତି ପ୍ରଦାନ କରିବ । ଏହି ବ୍ୟତିକ୍ରମଧର୍ମୀ ସିନେମାରେ ମେଗାଷ୍ଟାର ସିଦ୍ଧାନ୍ତ ମହାପାତ୍ରଙ୍କ ସହ ଅଭିଷେକ ପଣ୍ଡା ଏବଂ ଶିବାନୀ ସଙ୍ଗୀତା ମୁଖ୍ୟ ଭୂମିକାରେ ନଜର ଆସିବେ । ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ଜନଜାତି ସଂସ୍କୃତିକୁ ନେଇ ଏହି ଚଳଚ୍ଚିତ୍ରଟି ଗତିଶୀଳ । ଅତୀତର ସେହି ସମୟର ପୃଷ୍ଠଭୂମି ଉପରେ ଏହା ଆଧାରିତ ଯେତେବେଳେ ମାଣ୍ଡିଆ (ମିଲେଟ୍) ମାନବ ସଭ୍ୟତାର ବଞ୍ଚିବା ଓ ବିକାଶର ମୁଖ୍ୟ ଆଧାର ଥିଲା । ଇତିହାସ, ସଂସ୍କୃତି ଏବଂ ଏକ ନିଆରା ପ୍ରେମ କାହାଣୀର ଫ୍ୟୁଜନ ହୋଇଥିବାରୁ ଏହା ପାରିବାରିକ ଦର୍ଶକଙ୍କ ପାଇଁ ସ୍ୱତନ୍ତ୍ର ପସନ୍ଦ ସାଜିବ ।



**ଛକି ଶୂନ:** ରଜ ୨୦୨୬ର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଓଲିଉଡ୍ ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ ଅଭିନୀତ ଚଳଚ୍ଚିତ୍ର 'ଛକି ଶୁନ' । ମାନସ ପାଢ଼ିଆରୀଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଅନୁଭବଙ୍କ ସହ ସମ୍ଭାବନା ମହାନ୍ତି, ସୁକୁମାର ଟୁଡୁ ଏବଂ ଅଭିଷେକ ପଣ୍ଡା ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି । ଏହି ଚଳଚ୍ଚିତ୍ରଟି ଏକ ଜଟିଳ ହତ୍ୟାକାଣ୍ଡର ରହସ୍ୟାବୃତ ତଦନ୍ତ ଉପରେ ଆଧାରିତ । ନିକଟରେ ମୁକ୍ତିଲାଭ କରିଥିବା ଏହାର ଟ୍ରେଲର୍ ଓ ଟିଜର୍ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି କରିଛି, ଯେଉଁଥିରେ ଅନୁଭବ ଜଣେ ତଦନ୍ତକାରୀ ଅଫିସର ଭାବେ ରହସ୍ୟର ପର୍ଦ୍ଦାଫାଶ କରୁଥିବା ଦେଖିବାକୁ ମିଳୁଛି । ବହୁ ଦିନ ପରେ ଅନୁଭବଙ୍କୁ ଏଭଳି ଏକ ଦମଦାର୍ ଏବଂ ଗମ୍ଭୀର ରୋଲ୍‌ରେ ଦେଖିବା ପାଇଁ ତାଙ୍କ ପ୍ରଶଂସକମାନେ ଉତ୍ସାହର ସହ ଚାହିଁ ରହିଛନ୍ତି ।






# ରଜ ରିଆଲିଟି

**ଓଡ଼ିଶାର ପାରମ୍ପରିକ ଗଣପର୍ବ ରଜ ପାଇଁ କେବଳ ସିନେମା ହଲ୍ ନୁହେଁ, ବରଂ ଘରର ଟେଲିଭିଜନ ପରଦା ମଧ୍ୟ ସମ୍ପୂର୍ଣ୍ଣ ରୂପେ ରଙ୍ଗାରଙ୍ଗ ହୋଇଉଠିଛି । ଓଡ଼ିଶାର ପ୍ରମୁଖ ମନୋରଞ୍ଜନ ଚ୍ୟାନେଲ ଗୁଡ଼ିକ ଦର୍ଶକଙ୍କ ମନୋରଞ୍ଜନ ପାଇଁ ନୂଆ ନୂଆ ସ୍ପେଶାଲ୍ ରିଆଲିଟି ଶୋ' ପ୍ରସାରଣ କରୁଛନ୍ତି । ଓଡ଼ିଆ ଘରର ସଂସ୍କୃତି, ନୃତ୍ୟ, ଗୀତ ଏବଂ ପାରମ୍ପରିକ ଖେଳକୁ ନେଇ ପ୍ରସ୍ତୁତ ହୋଇଥିବା ଏହି ରିଆଲିଟି ଶୋ' ଗୁଡ଼ିକ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଆଦୃତି ଲାଭ କରିଛି ।**

## ରଜ କୁଇନ୍

ଜୀ ସାର୍ଥକ ଚ୍ୟାନେଲର ସବୁଠାରୁ ଲୋକପ୍ରିୟ ଏବଂ ପ୍ରତିଷ୍ଠିତ ରଜ ରିଆଲିଟି ଶୋ' 'ରଜ କୁଇନ୍ ୨୦୨୬' ଏଥର ନିଜର ରୋମାଞ୍ଚକର ଏପିସୋଡ୍ ମାଧ୍ୟମରେ ଦର୍ଶକଙ୍କ ମନରଞ୍ଜୋନ କରିଛି । ଚଳିତ ସିଜନରେ ଓଲିଉଡ୍ ଅଭିନେତ୍ରୀ ଏଲିନା ସାମନ୍ତରାୟ ଏବଂ ଅଭିନେତା ପୁପିନ୍ଦର ଜଜ୍ ଭାବେ ନଜର ଆସୁଥିବା ବେଳେ ସୁଞ୍ଜିତ ପାଇକରାୟ ଓ ଚାନ୍ଦିନୀ ଜେନା ଏହାର ସଫଳ ସଞ୍ଚାଳନ କରିଥିଲେ । ଏହି ଶୋ'ରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରତିଭାବାନ ଯୁବତୀମାନେ ନୃତ୍ୟ, ଅଭିନୟ, ଗୀତ ଏବଂ ପୋଡ଼ପିଠା ପ୍ରସ୍ତୁତି ଭଳି ପାରମ୍ପରିକ ଟାସ୍କରେ ପରସ୍ପରକୁ କଡ଼ା ଟକ୍କର ଦେଇଥାଆନ୍ତି ।

## ରଜ ରାଜକୁମାରୀ

ତରଙ୍ଗ ଟିଭି ଏବଂ ତରଙ୍ଗ ପ୍ଲସ୍ ଆପ୍‌ରେ ନିକଟରେ ଜୁନ୍ ପ୍ରାରମ୍ଭରୁ ମୁକ୍ତିଲାଭ କରିଥିଲା ସମ୍ପୂର୍ଣ୍ଣ ନୂଆ ଏବଂ ଭିନ୍ନ ସ୍ୱାଦର ରିଆଲିଟି ଶୋ' 'ରାଜା ରାଜକୁମାରୀ ୨୦୨୬' । ପ୍ରତି ଶନିବାର ଏବଂ ରବିବାର ରାତି ୯:୩୦ ମିନିଟ୍‌ରେ ପ୍ରସାରିତ ହେଉଥିବା ଏହି ସିନେମାଟିକ୍ ରିଆଲିଟି ଶୋ'ଟି ରଜ ପର୍ବ ସମୟରେ ଓଡ଼ିଆ ଦର୍ଶକଙ୍କ ପାଇଁ ପ୍ରାଇମ୍-ଟାଇମ୍ ମନୋରଞ୍ଜନ ସାଜିଥିଲା । ଏହି ଶୋ'ରେ ଗ୍ଲାମର ସହିତ ଓଡ଼ିଆ ପରମ୍ପରାର ଏକ ସୁନ୍ଦର ଫ୍ୟୁଜନ ଦେଖିବାକୁ ମିଳିଥିଲା । ପ୍ରତିଯୋଗୀମାନଙ୍କ ମଧ୍ୟରେ ଥିବା କମ୍ପିଟିସନ ଏବଂ ପ୍ରଦର୍ଶନ ସୋସିଆଲ ମିଡିଆରେ ଶୋକୁ ଖୁବ ଭାଇରାଲ କରାଇଥିଲା ।

## ରଜ ସୁନ୍ଦରୀ

ଅନ୍ୟତମ ପ୍ରମୁଖ ଚ୍ୟାନେଲ ସିଦ୍ଧାର୍ଥ ଟିଭି ପକ୍ଷରୁ ମେଗା ଶୋ' 'ରଜ ସୁନ୍ଦରୀ ୨୦୨୬' ପ୍ରସାରଣ କରାଯାଇଥିଲା । ଓଡ଼ିଶାର ବିଭିନ୍ନ ପ୍ରମୁଖ ସହରରେ ବ୍ୟାପକ ଅଡିସନ କରିବା ପରେ ଏବେ ଏହାର ଗ୍ରାଣ୍ଡ 'ମେଗା ଅଡିସନ ବ୍ଲାଷ୍ଟ'ର ପ୍ରସାରଣ ହୋଇଥିଲା । ନମିତା ଅଗ୍ରୱାଲଙ୍କ ପ୍ରଯୋଜନାରେ ନିର୍ମିତ ଏହି ଶୋ'ରେ କେବଳ ବାହ୍ୟ ସୌନ୍ଦର୍ଯ୍ୟ ନୁହେଁ, ବରଂ ଓଡ଼ିଆ ଝିଅମାନଙ୍କର ଆତ୍ମବିଶ୍ୱାସ ଏବଂ ସାଂସ୍କୃତିକ ଜ୍ଞାନର ପରୀକ୍ଷା କରାଯାଇଥାଏ । ରଜ ପର୍ବ ସମୟରେ ଓଡ଼ିଶାର ବିଭିନ୍ନ ସହରରୁ ବାହାରିଥିବା ପ୍ରତିଭାମାନଙ୍କୁ ଏହି ବଡ଼ ମଞ୍ଚରେ ଦେଖିବା ଦର୍ଶକଙ୍କ ପାଇଁ ବେଶ୍ ଆନନ୍ଦଦାୟକ ହୋଇଥାଏ ।








# କଷ୍ଟ ଦେଇଥିଲା ବିବାହ ବିଚ୍ଛେଦ

ବଲିଉଡର ଜଣାଶୁଣା ଅଭିନେତ୍ରୀ ଦିୟା ମିର୍ଜା ନିକଟରେ ଅଭିନେତ୍ରୀ ସୋହା ଅଲୀ ଖାନଙ୍କ ଏକ ପଡ୍‌କାଷ୍ଟରେ ନିଜ ବ୍ୟକ୍ତିଗତ ଜୀବନର କିଛି ଅକୁହା କଥା ଓ ପିଲାଦିନର ସଂଘର୍ଷ ସମ୍ପର୍କରେ ପ୍ରକାଶ କରିଛନ୍ତି । ଜୀବନରେ ଆର୍ଥିକ ସ୍ୱଚ୍ଛଳତା ଅପେକ୍ଷା ନିଜର ନୀତି ଓ ଆଦର୍ଶକୁ ପ୍ରାଧାନ୍ୟ ଦେଉଥିବା ବାପାଙ୍କ ସାମାଜିକ ଚିନ୍ତାଧାରା ଯୋଗୁଁ ହିଁ ତାଙ୍କ ବାପା-ମା'ଙ୍କ ମଧ୍ୟରେ ଅଲଗା ହେବାର ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ସେ ପ୍ରକାଶ କରିଛନ୍ତି । ଥରେ ଏକ କାରଖାନା ନିକଟସ୍ଥ ନଦୀକୁ ଦୂଷିତ ବର୍ଜ୍ୟବସ୍ତୁ ନିଷ୍କାସନ କରୁଥିବା ଜାଣିବା ପରେ ତାଙ୍କ ବାପା ଏକ ମୋଟା ଅଙ୍କର ଦରମା ମିଳୁଥିବା ପ୍ରୋଜେକ୍ଟକୁ ସିଧାସଳଖ ମନା କରିଦେଇଥିଲେ । ସେତେବେଳେ ଘରର ଆର୍ଥିକ ଅଭାବ ଓ ସ୍କୁଲ୍ ଫିସ୍ ଦେବାକୁ ନେଇ ମା'ଙ୍କ ସହ ତାଙ୍କର ପ୍ରବଳ ଯୁକ୍ତିତର୍କ ହୋଇଥିଲେ ସୁଦ୍ଧା ବାପା ନିଜ ନିଷ୍ପତ୍ତିରେ ଅଟଳ ରହି କହିଥିଲେ । ଏହାପରେ କିଛି ତାଙ୍କ ବାପା ମାଆଙ୍କର ବିବାହ ବିଚ୍ଛେଦ ଘଟିଥିଲା, ଯାହା ତାଙ୍କୁ ଅନକ କଷ୍ଟ ଦେବାସହ ଅନେକ କିଛି ଶିଖାଇଥିଲା । ସେହିଭଳି କ୍ୟାରିୟରରେ ମଧ୍ୟ ଅନେକ ସଂଘର୍ଷ କରିଥିଲେ । ନିଜ କ୍ୟାରିୟରର ଶୀର୍ଷରେ ଥିବା ସମୟରେ ଅର୍ଥାତ୍ ୨୦୦୫ ମସିହାରେ ମାତ୍ର ୨୪ ବର୍ଷ ବୟସରେ, ଅଭିନୟରେ ସନ୍ତୁଷ୍ଟ ନଥିବାରୁ ସେ ପ୍ରାୟ ଦୁଇ ବର୍ଷର ବିରତି ନେଇ ନିଜ ଭିତରର ପ୍ରକୃତ ମଣିଷକୁ ଖୋଜିବାକୁ ଚେଷ୍ଟା କରିଥିଲେ । ସେହି ଦିନଠାରୁ ସେ ନିଜ ନୀତିଆଦର୍ଶ ସହିତ ଜଡ଼ିତ କାହାଣୀ ଓ ପରିବେଶ ସୁରକ୍ଷା ଅଭିଯାନକୁ ସଫଳତାର ସହ ଆଗକୁ ବଢ଼ାଉଛନ୍ତି ।




# ପ୍ରଥମ ପସନ୍ଦ ଅନିଲ

ଭାରତୀୟ ଟେଲିଭିଜନ ଜଗତର ଅଗ୍ରଣୀ ମନୋରଞ୍ଜନ ଚ୍ୟାନେଲ 'ଷ୍ଟାର୍ ପ୍ଲସ' ଦୀର୍ଘ ଦିନର ବ୍ୟବଧାନ ପରେ ନନ ଫ୍ରିକ୍ସନ ମନୋରଞ୍ଜନ ଦୁନିଆକୁ ଏକ ବଡ଼ ଧମାକା ସହ ଫେରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରିସାରିଛି । ଯାହା ଟେଲିଭିଜନର ସବୁଠାରୁ ଲୋକପ୍ରିୟ ଶୋ' 'ବିଗ୍ ବସ୍' ଏବଂ 'ଲାଫ୍ଟର୍ ସେଫ୍ସ' ଭଳି ମେଗା ଶୋ' ଗୁଡ଼ିକୁ କଡ଼ା ଚାଲେଞ୍ଜ ଦେବ ବୋଲି ଜଣାପଡ଼ିଛି । ପ୍ରିମିୟମ୍ ପ୍ରଡକ୍ସନ ହାଉସ୍ 'ଏଣ୍ଡେମଲ୍' ବ୍ୟାନରରେ ଖୁବ୍ ଭବ୍ୟ ଓ ବଡ଼ ସ୍କେଲ୍‌ରେ ନିର୍ମିତ ହେବାକୁ ଥିବା ଏହି ନିଆରା ଗେମ୍ ଶୋ'ର ହୋଷ୍ଟିଂ ପାଇଁ ବଲିଉଡ ଆଇକନ୍ ଅନିଲ୍ କପୁର ପ୍ରଥମ ପସନ୍ଦ ସାଜିଛନ୍ତି । ପ୍ରଯୋଜନା ସଂସ୍ଥା ଖୁବ୍‌ଶୀଘ୍ର ତାଙ୍କ ସହ ଚୁକ୍ତିପତ୍ର ଚୂଡ଼ାନ୍ତ କରି ଏକ ହାଇ-ପ୍ରୋଫାଇଲ୍ ପ୍ରୋମୋ ସୁଟିଂ କରିବାକୁ ଯୋଜନା କରୁଛିବୋଲି ଜଣାପଡିଛି । ପାରମ୍ପରିକ ଦୀର୍ଘକାଳୀନ ରିଆଲିଟି ଶୋ' ଗୁଡ଼ିକ ପରି ନହୋଇ, ଏହି ଆଗାମୀ ଶୋ'ଟି ଏକ ସମ୍ପୂର୍ଣ୍ଣ ଭିନ୍ନ ଫର୍ମାଟ୍‌ରେ ପ୍ରସ୍ତୁତ ହେଉଛି । ଯେଉଁଥିରେ ପ୍ରତି ସପ୍ତାହରେ ଦର୍ଶକମାନେ ସମ୍ପୂର୍ଣ୍ଣ ନୂଆ ପ୍ରତିଯୋଗୀ, ନୂଆ ରୋମାଞ୍ଚକର ଆହ୍ୱାନ ଏବଂ ଅପ୍ରତ୍ୟାଶିତ ଟ୍ୱିଷ୍ଟ ଦେଖିବାକୁ ପାଇବେ ।



# ହସାଇବେ ଅଜୟ

ଚଳିତ ୨୦୨୬ ମସିହାରେ ବଡ଼ ପରଦାରେ ଭରପୂର ମନୋରଞ୍ଜନ ଓ ହାସ୍ୟରସର ଖୋରାକ ଯୋଗାଇବା ପାଇଁ ବହୁପ୍ରତୀକ୍ଷିତ ମଲ୍ଟି-ଷ୍ଟାରର୍ ଚଳଚ୍ଚିତ୍ର 'ଧମାଲ୍ ୪' ରିଲିଜ ହେବାକୁ ଯାଉଛି । ରିପୋର୍ଟ ଅନୁଯାୟୀ, ୨୦୨୬ ଜୁଲାଇ ୧୦ ତାରିଖରେ ଏହା ରିଲିଜ ହେବ । ଯଶରାଜ୍ ଫିଲ୍ମସର ସ୍ପାଇ ୟୁନିଭର୍ସ ଚଳଚ୍ଚିତ୍ର 'ଆଲଫା' ଜୁଲାଇ ୩ ତାରିଖକୁ ଘୁଞ୍ଚିଯିବା ପରେ ଜୁଲାଇ ୧୦ ତାରିଖର ସ୍ଲଟ୍ ଖାଲି ପଡ଼ିଥିଲା ଯାହାହାର ସୁଯୋଗ ଏହି ଫିଲ୍ମ ନେଇଥିବାନେଇ ଆଲୋଚନା ହେଉଛି । ଏହି ଫିଲ୍ମରେ ମୁଖ୍ୟ କଳାକାରଭାବେ ଅଜୟ ଦେବଗନ୍, ରିତେଶ ଦେଶମୁଖ, ଅରସଦ ୱାର୍ସି, ସଞ୍ଜୟ ମିଶ୍ର ଏବଂ ଜାଭେଦ୍ ଜାଫେରୀଙ୍କ ସହ ଏଥର ସଞ୍ଜିଦା ଶେଖ୍, ଇସା ଗୁପ୍ତା, ଅଞ୍ଜଳି ଆନନ୍ଦ, ଉପେନ୍ଦ୍ର ଲିମାୟେ, ବିଜୟ ପାଟକର ଏବଂ ରବି କିଷନଙ୍କୁ ଦେଖିବାକୁ ମିଳିବ । ଫିଲ୍ମଟିର କାହାଣୀ ଦର୍ଶକଙ୍କୁ ଖୁବ ହସର ଖୋରାକ ଯୋଗାଇବ ବୋଲି ମେକର୍ସ ଆଶା ରଖିଛନ୍ତି ।



# ସରିନି ଅପେକ୍ଷା

ବଲିଉଡର ଚୁଲବୁଲିଆ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଖୁବ୍‌ଶୀଘ୍ର ଓଟିଟି ମାଧ୍ୟମରେ ଅଭିନୟ ଦୁନିଆକୁ ଫେରିବା ପାଇଁ ସ୍କ୍ରିପ୍ଟ ପଢୁଥିବା ନେଇ ଗଣମାଧ୍ୟମରେ ଚର୍ଚ୍ଚା ହେଉଥିଲା । ହେଲେ ଏହି ଖବରକୁ ତାଙ୍କ ଅଫିସିଆଲ୍ ଟିମ୍ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛି । କ୍ୟାଟ୍ରିନାଙ୍କ ଟିମ୍ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇ କୁହାଯାଇଛି ଯେ, ଅଭିନେତ୍ରୀଙ୍କ ଆଗାମୀ ଯୋଜନା ଓ ଓଟିଟି ଡେବ୍ୟୁକୁ ନେଇ ଯେଉଁ ସବୁ ଚର୍ଚ୍ଚା ଚାଲିଛି, ତାହା ସମ୍ପୂର୍ଣ୍ଣ ଆଧାରହୀନ ଓ ଭୁଲ । ଗତ ୨୦୨୫ ମସିହା ନଭେମ୍ବର ୭ ତାରିଖରେ ନିଜର ପ୍ରଥମ ସନ୍ତାନ 'ବିହାନ କୌଶଲ'ଙ୍କୁ ସ୍ୱାଗତ କରିବା ପରେ କ୍ୟାଟ୍ରିନା ବର୍ତ୍ତମାନ ବ୍ରେକରେ ଅଛନ୍ତି । 'ଏକ୍ ଥା ଟାଇଗର୍' ଏବଂ 'ଜିନ୍ଦଗୀ ନା ମିଲେଗୀ ଦୋବାରା' ଭଳି ସୁପରହିଟ୍ ଫିଲ୍ମ ଦେଇଥିବା କ୍ୟାଟ୍ରିନାଙ୍କୁ ଶେଷ ଥର ପାଇଁ ୨୦୨୪ର ଥ୍ରୀଲର ଫିଲ୍ମ 'ମେରି କ୍ରିସମାସ'ରେ ବିଜୟ ସେଥୁପତିଙ୍କ ସହ ଦେଖିବାକୁ ମିଳିଥିଲା । ତାଙ୍କର ଏହି କମ୍‌ବ୍ୟାକ୍ ଗୁଜବ ପରେ ପ୍ରଶଂସକମାନେ ତାଙ୍କୁ ପୁଣି ପରଦାରେ ଦେଖିବା ପାଇଁ ଆହୁରି କିଛି ସମୟ ଅପେକ୍ଷା କରିବାକୁ ପଡ଼ିବ ବୋଲି ଜଣାପଡ଼ିଛି ।



# କରିବେକି ଦ୍ୱିତୀୟ ବିବାହ

ଲୋକପ୍ରିୟ ଟେଲିଭିଜନ ଧାରାବାହିକ 'ବେହଦ୍' ଏବଂ 'ଦିଲ୍ ମିଲ୍ ଗୟେ'ର ଫେମ ଅଭିନେତ୍ରୀ ଜେନିଫର୍ ୱିଙ୍ଗେଟ୍ ଖୁବ୍‌ଶୀଘ୍ର ଦ୍ୱିତୀୟ ବାର ପାଇଁ ବିବାହ ବନ୍ଧନରେ ବାନ୍ଧିହେବାକୁ ଯାଉଥିବା ନେଇ ଚର୍ଚ୍ଚା ହେଉଛି । ରିପୋର୍ଟ ଅନୁଯାୟୀ, ଜେନିଫର୍ ସିଙ୍ଗାପୁରର ପ୍ରତିଷ୍ଠିତ ବ୍ୟବସାୟୀ ଉଇଲିୟମ୍ ଇସମାଇଲ୍‌ଙ୍କ ସହ ପ୍ରେମ ସମ୍ପର୍କରେ ଥିବା ବେଳେ ନିକଟରେ ଏକ ଛୁଟି କଟାଇବା ସମୟରେ ଉଇଲିୟମ୍ ତାଙ୍କୁ ବିବାହ ପାଇଁ ପ୍ରପୋଜ୍ କରିଥିଲେ । ଏହି ପ୍ରେମୀଯୁଗଳ ଚଳିତ ୨୦୨୬ ମସିହାର ଶେଷ ଭାଗରେ ଏକ ପାରମ୍ପରିକ ଖ୍ରୀଷ୍ଟିୟାନ ରୀତିନୀତିରେ ବିବାହ କରିବାକୁ ଯୋଜନା କରୁଛନ୍ତିବୋଲି ଆଲୋଚନା ହେଉଛି । ତେବେ ଏହି ବିବାହ ସମ୍ପୂର୍ଣ୍ଣ ଲୋ ପ୍ରୋଫାଇଲ୍ ଏବଂ ଲାଇମ୍‌ଲାଇଟ୍‌ଠାରୁ ଦୂରରେ ରହି ହେବ ବୋଲି ଜଣାପଡିଛି । ଏହା ପୂର୍ବରୁ କୋ-ଷ୍ଟାର୍ କରନ ୱାହିଙ୍କ ସହ ଜେନିଫର୍‌ଙ୍କ ଆଫେୟାର ଥିବାନେଇ ଚର୍ଚ୍ଚା ହେଉଥିଲା, ଯାହାକୁ କରନ ଖଣ୍ଡନ କରିଥିଲେ । ପୂର୍ବରୁ ୨୦୧୨ ମସିହାରେ ଅଭିନେତା କରନ ସିଂ ଗ୍ରୋଭରଙ୍କୁ ବିବାହ କରିଥିବା ଜେନିଫର୍ ୨୦୧୪ରେ ତାଙ୍କଠାରୁ ଅଲଗା ହୋଇଯାଇଥିଲେ । ଏହାପରେ ଦୀର୍ଘ ୧୨ ବର୍ଷ ପରେ ସେ ନିଜ ଜୀବନର ଏହି ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି ।



# ଆସିଛି ରଜ ହେବ ମଉଜ

ଆସିଛି ରଜ ହେବ ମଉଜ
ଦୋଳି ଖେଳିବା ବସି
ଖାଇବା ପୋଡପିଠା ଓ ମିଠା
କାଟିବା ଦିନ ହସି ||
ନୂଆ ପୋଷାକ କିଣି ଆଣିଚି
ବଜାର ଯାଇ ବଡୋଉ
ପିନ୍ଧାଇ ଦେବ ସେତ ଖୁସୀରେ
ଢାଳି ହସର ମହୁ ||
ଗଛଡାଳରେ ଯତନ କରି
ଦୋଳି ବାନ୍ଧିଚି ଅପା
ଖେଳିବା ପାଇଁ ଦୋଳିର ଖେଳ
କହି ଦେଲେଣି ବାପା ||
ଦୋଳିରେ ବସି ଗୀତ ଗାଉଛି
ପଡିଶା ଘର ଲୁସି
ତାସାଥେ ମିଶି ଦୋଳି ଖେଳୁଚି
ତା ସାଙ୍ଗ ପିଲା ଖୁସୀ ||
ମାଳତୀ ଯାଇ ତୋଳୁଚି କୋଳି
ଖାଇବେ ପିଲା ମିଶି
ଆକାଶ ଦେହେ ଘୋଟଇ
ମେଘ
ମେଘୁଆ ଯାଏ ଦିଶି ||
କହିଲେ ଅଜା ଅଳପ ଗଛ
ଗଛତ ହେଲା କଟା
କାହିଁରେ ଝୁଲି ଖେଳିବ ଦୋଳି
ନାହିଁତ ଗଛ ମୋଟା ||
ବରଷା ହେଲେ ସଭିଏଁ ମିଶି
ପୋତିବା ଗଛ ଚାରା
ଗଛ ବଢ଼ିବ ହସି ଉଠିବ
ଗାଆଁ ସହର ସାରା ||
ଗଛଟି ଥିଲେ ଖେଳି ପାରିବ
ତା ଡାଳେ ତୁମେ ଦୋଳି
ମନ ମଉଜେ ଖାଇବ ପୁଣି
ପାଚିଲା ଫଳ କୋଳି ||

**ପ୍ରଶାନ୍ତ କୁମାର ଦାଶ**
ପିପିଲି, ପୁରୀ
ମୋ: ୯୭୬୮୮୨୨୧୯୦

# ଆଜି ପରା ସଜବାଜ

ବଉଳ ଲୋ
ଦିନ ଗଡ଼ି ହେଲାଣି ସଞ୍ଜ
ଆଜି ପରା ସଜବାଜ
କାଲି ପରା ରଜ ମଉଜ ॥
ବଉଳ ଲୋ
ଗୁଆ ଗଛ ଧାଡ଼ି ଧାଡ଼ି
ଗାଁ ଦାଣ୍ଡେ ଆଜି ପଡୁଛି ହୁରି
ଚାଲ ଯିବା ଆମେ ଗାଁକୁ ମାଡି
ନୂଆ ଲୁଗା ପିନ୍ଧି ପୋଡ଼ପିଠା ଖାଇ
ରଜ ଖିଲିପାନେ ନାଲି ଓଠ କରି
ପାଦରେ ଅଳତା କେତେ ବାସ୍ନା ଛିଟା
ତାସ୍ ଲୁଡୁ ଖେଳି ହୋଇ ମେଳି
କରିବା ଆମେରେ ରଜ ମଉଜ ॥
ବଉଳ ଲୋ
ଗାଁରେ ଦେଉଳ ମଠ
ପ୍ରଣିପାତ କରି ଦୁଃଖ ଜଣାଇବା
ବୁଲିବୁଲି କେତେ ଦୋଳି ଯେ ଖେଳିବା
କେତେ ଉଠାଇବା ଫଟ ଲୋ ବଉଳ
କରିବା ଆମେରେ ରଜ ମଉଜ ॥
ବଉଳ ଲୋ
ଆକାଶରେ ଥିବ ଉଦିଆ ଜହ୍ନ
ରଜ ପରେ ହେବ ଭୁଇଁ ନଅଣ
ପାହାନ୍ତାରୁ ହେବ ଧରା ସ୍ନାହାନ
ଭକ୍ତିପୂତେ କରିବାରେ ବନ୍ଦନ
ଚାହିଁ ରହିବା ରଜକୁ ଆରସନ ॥

**ହରପ୍ରିୟା ରାଉତରାୟ**



# ରଜ ପରବ

ବର୍ଷକ ପରେ ରଜ ପରବ
ଖୁସି ପସରା ଧରି
ଡାକେ ଆମକୁ କେଡ଼େ ସରାଗେ
ଦେବାକୁ ସୁଖ ଭରି ॥
ତିନିଦିନ ପାଳିବାଟି ଯାକୁ
ସଭିଏଁ ହୋଇ ମେଳି
ଗଛ ଡାଳରେ ଦୋଳି ଲଗାଇ
ଝୁଲିବା ମାରି ତାଳି ॥
ଚକ୍ରି ଦୋଳିରେ ବୁଲିବା ମଜା
ନିଆରା ଅଟେ ପରା
ଘୁରି ସେଥିରେ ଆନନ୍ଦ ମନେ
ଘୁରାଇ ଦେବା ଧରା ॥
ନୂଆ ପୋଷାକ ପିନ୍ଧି ବୁଲିବା
ପ୍ରଜାପତିଟି ପରି
ଦୋଳିରେ ଝୁଲିଲା ବେଳେ ଆମେ
ଲାଗିବା ସତେ ପରୀ ॥
ସ୍ୱାଦିଷ୍ଟ ପୋଡପିଠାର ମଜା
ନେବାଟି ସର୍ବେ ଆସ
ମନରୁ ଭୁଲିଣ ଭେଦ ଭାବ
ରାଗ ହିଂସା ଓ ଦ୍ୱେଷ ॥
ବିଡିଆ ପାନ କୁନି ଖାଇଛି
ଓଠ କରିଛି ନାଲି
ତା ସାଙ୍ଗମାନେ ତା ସାଙ୍ଗେ ଯାନ୍ତି
ଖୁସିରେ ଗୀତ ବୋଲି ॥
କୃଷିଭିତ୍ତିକ ପରବ ଇଏ
ଆମ ଜାତିର ଗର୍ବ
ବସୁମତୀ ଙ୍କ ହୁଅଇ ପୂଜା
ସିଏ ଆମର ସର୍ବ ॥
ଆମ ଜାତି ନିଜସ୍ୱ ପର୍ବର
ପୂରୁବ ରୂପ ନାହିଁ
ତଥାପି ସ୍ନେହ ପ୍ରୀତି ବରଷେ
ଆମ ଆନନ୍ଦ ଚାହିଁ॥

**ସୁଧାକର ରାଉତ**
ପ୍ରତାପ ନଗରୀ, କଟକ
ମୋ:୮୨୪୯ ୯୩୨୭ ୯୨





# ମାଇଁ ଡାକିଛନ୍ତି ମୋତେ

ଖରାଦିନ ଛୁଟି ହୋଇଛି ବୋଲିକି
ମାଇଁ ଡାକିଛନ୍ତି ତାଙ୍କ ଘରକୁ
କହିଥିଲେ ଗୋଟେ ଭଲ ମୋବାଇଲ
କିଣିଦେବେ ବୋଲି ରଜ ବେଳକୁ
କଥା ଦେଇଥିଲେ ମୋତେ
ଶ୍ରେଣୀରେ ଯଦି ମୁ ପ୍ରଥମ ହୋଇବି
କିଣିଦେବେ ଇଛା ମତେ ॥
ଏହି ବରଷ ତ ହୋଇଛି ପ୍ରଥମ
ମାମୁ, ମାଇଁ ଥିବେ ବଡ଼ ଖୁସିରେ
ଉପହାରଟା ତ ନିଶ୍ଚିତ ମିଳିବ
ରଜଟା କଟିବ ବଡ଼ ମଜାରେ
ମାମୁଙ୍କ ଘରକୁ ଯିବି
ଦେଶ ଦୁନିଆର ଖବର ନିମନ୍ତେ
ମୋବାଇଲ ଦେଖୁ ଥିବି ॥
ଗାଧୋଇବା ପାଇଁ ଗାଆଁ ଶେଷମୁଣ୍ଡେ
ପଡ଼ି ରହିଥିବ ତୁଠ ପଥର
ଗୋଡ଼ ହାତ ପିଟି ଅଥଳ ଜଳରେ
ପହଁରି ଶିଖିବା ହେବ ଏଥର
ଏ'କୁଳରୁ ଆର କୁଳକୁ
ନାନା ପରକାର ପହଁରା ପହଁରି
ମଜାରେ ଫେରିବୁ ଘରକୁ ॥
କୁରୁତା କମିଜ ମିଳିବ ହଳିଏ
ନୂଆ ପିନ୍ଧି ହେବ ଗାଆଁରେ ବୁଲା
ପୋଡ଼ପିଠା ଖାଇ, ଗୁଡିକୁ ଉଡେଇ
ମଜା ନେବି ଖେଳି ଦୋଳିର ଝୁଲା
ମାଇଁ ଡାକିଛନ୍ତି ମୋତେ
ସାଙ୍ଗ ସାଥୀ ମେଳେ ରଜ ତିନିଦିନ
ମଉଜ କରିବି କେତେ ॥


**ମୋହନ କୁମାର ସ୍ୱାଇଁ**
ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର
୮୧୧୮୦୯ ୯୦୩୮

# ରଜ ଆସିଲା ଗାଁକୁ ହସି



ରଜ ଆସିଲା ଗାଁକୁ ହସି
ଦୋଳି ଖେଳିବା ଝୁଲିରେ ବସି ।
ପୋଡ଼ ପିଠାର ମହକ ଭରା
ଛୁଟି ଚାଲିବ ଗାଁଟି ସାରା ।
ନୂଆ ବସ୍ତ୍ର, ନୂଆ ସଜ ବାଜ
ସାଙ୍ଗମାନଙ୍କ ସହ ରଜ ମଉଜ ।
ଖେଳ କୁଦରେ ବିତିବ ଦିନ
ଖିଆ ପିଆ ଭୁଲି ଯିବଟି ମନ ।
କେତେ ପ୍ରକାର ଦୋଳି ଲାଗିବ
ଆମ୍ବ ବଗିଚାଟି ହସି ଉଠିବ ।
ବନ୍ଧୁ ବାନ୍ଧବରେ ଘର ପୂରିବ
ହସଖୁସି ମଜାରେ ଦିନ ବିତିବ ।
ଓଡ଼ିଆ ଘରର ପ୍ରିୟ ପର୍ବ
ଦିଏ ସଭିଙ୍କୁ ଆନନ୍ଦ ଗର୍ବ ।

**ସୁବ୍ରତ କୁମାର ଦାସ**
ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ: ୯୪୩୭୩୧୯୦୩




ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସୁଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.comରେ ପଠାଇବାକୁ ଅନୁରୋଧ ।
-'ସମୟ ତରଙ୍ଗ' ପରିବାର



## ମୃଣାଳ

ଡ. ମ୍ରିନାଲ କୁମାର ଚାଟାର୍ଜୀ
ନିର୍ମାଲ୍ୟ, VIP-21 ଲିଟିଲ ଓଡ଼ିଶା,
ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୬୧୯୪

## ଗାରମ



ପୃଥିବୀରେ ଯେମିତି ଜାଳେଣୀ ସଙ୍କଟ, ନର୍କରେ ବି ସେମିତି ଜାଳେଣୀ ସଙ୍କଟ ଦେଖା ଯାଇଛି । ପାପୀମାନଙ୍କୁ ଫୁଟନ୍ତା ତେଲ କଡେଇରେ ପକେଇ ଡିପ୍-ଫ୍ରାଏ କରିବାକୁ କ'ଣ କମ ଜାଳେଣି ଲାଗୁଛି ! ବର୍ଷକୁ ବର୍ଷ ପୁଣି ପାପୀମାନଙ୍କ ସଂଖ୍ୟା ବଢ଼ିଯାଉଛି । କ'ଣ କରାଯାଏ! ଯମରାଜ ମହା ଚିନ୍ତାରେ ପଡ଼ିଲେ । ଉପାୟଟା ବତେଇଲେ ତାଙ୍କ ବନ୍ଧୁ ସୂର୍ଯ୍ୟ ଦେବ । କହିଲେ, ଦେଖ ଏମିତିରେ ମର୍ତ୍ତ୍ୟବାସୀ ଜଙ୍ଗଲ କାଟି, ଗଛପତ୍ର ନଷ୍ଟ କରି ଆଉ ଚାରିଆଡ଼େ କଂକ୍ରିଟ ଜଙ୍ଗଲ କରି ପୃଥିବୀଟାକୁ ହିଟର ଭଳି କରି ସାରିଲେଣି । ତମେ ଗୋଟେ କାମ କର ନର୍କରେ ସଜା ଭୋଗିବାକୁ ଥିବା ପାପୀଗୁଡ଼ାକୁ ଭାରତର ସହରଗୁଡ଼ାକୁ ଟ୍ରାନ୍ସଫର କର । ମୁଁ ତାଙ୍କୁ ତନ୍ଦୁରରେ ଚିକେନ ସେକିଲା ଭଳି ସେକିଦେବି ।

# କେହି ଜଣେ କରିଦେବ

ଲେଖକ ଓ ସମାଜକର୍ମୀ ଶାରଦା ପ୍ରସାଦ ମହାପାତ୍ର ନିକଟରେ ତାଙ୍କର ସାମାଜିକ ଗଣମାଧ୍ୟମ ପୃଷ୍ଠାରେ ଆମ ସାମାଜିକ ବ୍ୟବହାର ସମ୍ପର୍କରେ ଲେଖିଛନ୍ତି- ଗୋଟିଏ ଜରୁରୀ କାମ ହେବାର ଥିଲା । ସମସ୍ତେ ଭାବିଲେ, କେହି ଜଣେ କରିଦେବ, ଆମର ଚିନ୍ତା କରିବା ଦରକାର ନାହିଁ। ନିଶ୍ଚୟ ଜଣକୁ ଏ କାମ କରିବାର ଥିଲା ବୋଲି କହି, କେହି ସେ ଜରୁରୀ କାମ କଲେନାହିଁ। ଯଦିଓ ଏହା ସମସ୍ତଙ୍କ କାମ ଥିଲା, ମାତ୍ର କେହି ଜଣେ ସେହି କାମ ନକରିବାରୁ ସମସ୍ତେ ରାଗି ପାଚି ଲାଲ୍। ସମସ୍ତେ ଭାବିଲେ କେହି ଜଣେ ହେଲେବି ଏ କାମଟି କରିପାରିଥାନ୍ତା, ମାତ୍ର ଦୋଷ ଲଦାଲଦି ହେବାରୁ ଜଣା ପଡିଲା କେହି ଏହାକୁ ସମ୍ପୂର୍ଣ୍ଣ କରିବାକୁ ଆଗେଇ ଆସି ନାହାଁନ୍ତି । କେହି ଜଣେ ଅନ୍ୟଜଣଙ୍କୁ ସମସ୍ତଙ୍କ ଅପାରଗତା ପାଇଁ ଦାୟି କରି ଅଜଣା ହୋଇଗଲେ, ଯଦିଓ ଅଜଣା ଲୋକଟିଏ ମଧ୍ୟ ଜାଣିବାର ଯୁ ରଖିନଥିଲେ ।

ଆମ ଘରକୁ ଲାଗିଥିବା ରାସ୍ତା କଡ଼ରେ ପ୍ରଥମ ଅଳିଆ ଜରିଟି ପଡିବାପରେ କେହି ଜଣେ ମଧ୍ୟ ଏ ବିଷୟରେ ଚିନ୍ତା କଲେନାହିଁ, କାରଣ ଏହା ଅନ୍ୟମାନଙ୍କ ଚିନ୍ତା ଥିଲା । କିଛି ଲୋକ ନାକ ଟେକିଲେ, କିଛି ଲୋକ ଓଠ ଟେକିଲେ ଓ କିଛି ଲୋକ ହାତ ଟେକିଦେଲେ । କ୍ରମେ ସେ ଜାଗାଟି ଅଳିଆ ଗଦାରେ ପରିଣତ ହେଲା ପରେ ଗନ୍ଧ ସମସ୍ତଙ୍କୁ ହେଲା, କେହି କିଛି କଲେନାହିଁ, ମାତ୍ର କେଇଜଣ ବ୍ୟବସ୍ଥା ଓ ବ୍ୟବହାରକୁ ଦୋଷୀ ସାବ୍ୟସ୍ତ କଲେ । ରାତି ଅନ୍ଧାରରେ ଭଦ୍ରଲୋକ ଏବଂ ସ୍ୱଷ୍ଟ ଦିବାଲୋକରେ ପଶୁମାନେ ସେଠି କାମ ସାରିଦେଲେ । କ୍ରମବର୍ଦ୍ଧିଷ୍ଣୁ ପୂତିଗନ୍ଧମୟ ପରିବେଶରେ ଅତିଷ୍ଠ ସମସ୍ତେ ହେଲେ, କେହିଜଣେ ଏହାକୁ କରିବ ଭାବି କିଛି ଲୋକ ଚୁପ୍, କିଛି ଲୋକ ପରଚର୍ଚ୍ଚା, କେହି କେହି ବଡ଼ ପାଟିରେ ଅସନ୍ତୋଷ ପ୍ରକାଶ କଲେ । କେହିଜଣେ ଜଗିବା ଓ ପ୍ରଦୂଷଣକାରୀକୁ ଧରିବା ପାଇଁ ସମସ୍ତେ ଆଶାବାଦୀ ହେଲେ, ମାତ୍ର ମୁଁ ନୁହେଁ ଅନ୍ୟଜଣେ କରିବ ଭାବି ନାକଚିପି ରାସ୍ତା ପାର ହେଲେ । ଆମ ଆଖପାଖରେ ଏମିତି ଘଟଣା ସବୁଦିନ ହେଉଛି । ଏବେ ଆପଣ ଠିକ କରନ୍ତୁ ଆପଣ କେଉଁ ଭୂମିକାରେ ରହିବେ ?

# ଗୁଟଖା

ମାଇ ୩୧ ତାରିଖ ଥିଲା ବିଶ୍ୱ ତମାଖୁ-ନିରୋଧ (ନୋ-ଟୋବାକୋ) ଦିବସ । ସେଦିନ ଅନେକେ 'ନୋ -ଟୋବାକୋ' ଲେଖି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କଲେ । ଗଣମାଧ୍ୟମରେ ତମାଖୁ ବ୍ୟବହାର କଲେ ଦେହ ଉପରେ କି କୁପ୍ରଭାବ ପଡ଼ିପାରେ ସେ ବିଷୟରେ ବେଶ ଚର୍ଚ୍ଚା ହେଲା । ହେଲେ ତମାଖୁ ବ୍ୟବହାରର ପରିମାଣ ବିଶେଷ କିଛି କମିଲା ନାହିଁ। ହଁ, ବ୍ୟବହାରର ଧରଣରେ କିଛି ପରିବର୍ତ୍ତନ ହୋଇଛି । ଲୋକେ ଏବେ ପାନ ବଦଳରେ ଗୁଟଖା ବେଶୀ ଖାଉଛନ୍ତି । ଛୋଟ ପ୍ଲାଷ୍ଟିକ ପ୍ୟାକେଟରେ ଆସୁଛି । ପ୍ୟାକେଟ ଚିରିଲ- ପାଟିରେ ପକେଇଲ । ଆଛା, ପୁରୁଷମାନେ ବିଶେଷ କରି ବିବାହିତ ପୁରୁଷମାନେ ଅଧିକ ଗୁଟଖା ଖାଇବାର ଗୋଟେ କାରଣ ଅଛି । ନବଘନ କଥା ଧରନ୍ତୁ । ସେଦିନ ରଙ୍ଗବତୀ କେଉଁ କାରଣରୁ ତା ଉପରେ ଭାରି ଖପ୍ପା ହୋଇଥିଲେ । ଏବଂ ସେଥିପାଇଁ ସେ ନବଘନ ଉପରେ ଧୁମ ପାଟି କରୁଥିଲେ । ନବଘନ ପାଟିରେ ସେତେବେଳେ ଗୁଟଖା । ସେ ଆଉ କଥା କହି ପାରୁ ନ ଥାଏ । ଏକଥା ସମସ୍ତେ ଜଣନ୍ତି ଯେ କଥା ପାଟିକୁ ନ ଆସିଲେ ଝଗଡ଼ା ହୁଏ ନି । ଏ କ୍ଷେତ୍ରରେ ବି ହୋଇ ପାରିଲା ନି । କିଛି ସମୟ ପରେ ରଙ୍ଗବତୀ 'ଇଏ କି ମଣିଷ ମ ! ଏତେ କଥା କହିଲି, ଗୋଟେ କଥାର ଜବାବ ନାହିଁ'- କହି ସ୍ଥାନ ତ୍ୟାଗ କଲେ । ନବଘନର ଘର ଗୋଟେ ଜବର ଝଗଡ଼ାରୁ ବଞ୍ଚିଗଲା ।



# ଆସିଛି ରଜ...

ବନସ୍ତେ ଡାକିଲା ଗଜ,
ବରଷକେ ଥରେ ଆସିଛି ରଜ...


ରଜ ପର୍ବ ଆସିଲା ମାତ୍ରେ ଏ ଗୀତଟି ଖୁବ ଶୁଣାଯାଏ ଆଉ ବିଜ୍ଞାପନରେ ଦେଖାଯାଏ । ଆଜିକାଲି ଗାଁ ଗହଳଠୁ ସହରରେ ରଜ ପର୍ବର ଧୁମ ଅଧିକ ଦିଶୁଛି । ହୋଟେଲମାନଙ୍କରେ ଦୋଳି ଟଙ୍ଗା ଯାଉଛି, ପିଠାପଣା ତିଆରି କରାଯାଉଛି । ଲୋକେ ସଜବାଜ ହୋଇ ହୋଟେଲ ଲନ୍‌ରେ ଦୋଳିରେ ଝୁଲି, ପିଠା ଖାଇ ଘରକୁ ଫେରୁଛନ୍ତି । ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରୁଛନ୍ତି, ରିଲ ପୋଷ୍ଟ କରି ଖୁସି ବାଣ୍ଟୁଛନ୍ତି । ଗ୍ରାମ ଓ କୃଷି ଭିତ୍ତିକ ଏକ ପର୍ବର କ୍ରମ-ସହରୀକରଣ ହେଉଛି, ଯାହାର କେନ୍ଦ୍ରରେ ବଜାର ତା'ର ଆସ୍ଥାନ ଜମେଇ ବସୁଛି । କେବଳ ରଜ ପର୍ବ ନୁହେଁ, ଲକ୍ଷ କରି ଦେଖନ୍ତୁ ଅନେକ ପର୍ବ ପର୍ବାଣିର ଏଇ ଅବସ୍ଥା ହେଉଛି । ଏହା ଭଲ କି ଖରାପ - ସେ ବିଚାର ଭିତରକୁ ମୁଁ ଯାଉନି, ହୁଏତ ତାହା କଳନା କରିବାର ସମୟ ବି ହୋଇନି । କିନ୍ତୁ ପରିବର୍ତ୍ତନ ତ ହେଉଛି ।

# ବିଶ୍ୱକପ ଫୁଟବଲ ୨୦୨୬

ବିଶ୍ୱର ସବୁଠାରୁ ଜନପ୍ରିୟ ଖେଳ ହେଲା ଫୁଟବଲ। ଆଉ ବିଶ୍ୱ ଫୁଟବଲର ମହାକୁମ୍ଭ ହେଲା ଫିଫା ବିଶ୍ୱକପ ଚାମ୍ପିଅନଶିପ । ଚାରିବର୍ଷରେ ଥରେ ହୁଏ। ଏବର୍ଷ ଏହା ଜୁନ ୧୧ରୁ ଆରମ୍ଭ ହୋଇଛି । ଚାଲିବ ଜୁଲାଇ ୧୯ ଯାଏ । ତିନୋଟି ଦେଶ (ଆମେରିକା, କାନାଡା ଆଉ ମେକ୍ସିକୋ)ର ୧୬ଟି ସହରରେ ଖେଳ ହେବ। ବିଶ୍ୱ ସ୍ତରରେ ଫୁଟବଲରେ ଭାରତର ସ୍ଥାନ ପଛ ବେଞ୍ଚରେ । ବର୍ତ୍ତମାନ ବିଶ୍ୱର ୨୧୧ଟି ଦେଶ ଭିତରୁ ଭାରତର ସ୍ଥାନ ୧୩୬ । ବିଶ୍ୱକପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ଥରଟିଏ ମାତ୍ର ସୁଯୋଗ ପାଇଥିଲା ଭାରତ- ୭୬ ବର୍ଷ ତଳେ- ୧୯୫୦ରେ। ସେଥର ବ୍ରାଜିଲରେ ହୋଇଥିଲା ଟୁର୍ଣ୍ଣାମେଣ୍ଟ । ସେଥିରେ ବି ଭାରତ ଖେଳିନଥିଲା। ସୁଦୂର ଦକ୍ଷିଣ ଆମେରିକା ଯିବାର ଖର୍ଚ୍ଚ, ଉପଯୁକ୍ତ ପ୍ରସ୍ତୁତିର ଅଭାବ ଇତ୍ୟାଦି କାରଣରୁ ଅଲ ଇଣ୍ଡିଆ





ଫୁଟବଲ ଫେଡେରେସନ ନାମ ପ୍ରତ୍ୟାହାର କରି ନେଇଥିଲା । ତା'ପରଠୁ ଏଯାଏ ଭାରତ ବିଶ୍ୱକପ ଖେଳିବାର ଯୋଗ୍ୟତା ହାସଲ କରି ପାରି ନାହିଁ। କିନ୍ତୁ ଭାରତରେ ବିଶ୍ୱକପ ଫୁଟବଲର ବହୁତ ଫ୍ୟାନ ଅଛନ୍ତି । ବିଶେଷ କରି କେରଳ, ପଶ୍ଚିମ ବଙ୍ଗ ଆଉ ଗୋଆରେ । ଓଡ଼ିଶାରେ ବି ଫୁଟବଲପ୍ରେମୀଙ୍କ ସଂଖ୍ୟା କମ ନୁହେଁ। ସେମାନେ ଫୁଟବଲ ପାଇଁ ପାଗଳ । ଏମାନଙ୍କ ଭିତରୁ ଅନେକେ କୋଣସି ନିର୍ଦ୍ଦିଷ୍ଟ ଦଳର ଫ୍ୟାନ । ସେଇ ଦଳର ଜର୍ସି ପିନ୍ଧି ଏମାନେ ଟିଭିରେ ରାତି ଉଜାଗର ହୋଇ ଖେଳ ଦେଖିବେ, ତାଙ୍କର ପ୍ରିୟ ଦଳ ଗୋଲ ଦେଲେ ଉର୍ଦ୍ଧ୍ୱବାହୁ ହୋଇ ନୃତ୍ୟ କରିବେ, ଗୋଲ ଖାଇଲେ ଦୁଃଖରେ ଭାଙ୍ଗି ପଡ଼ିବେ । ଏବର୍ଷ ଏ ଗୋଟେ ଛୋଟିଆ ଦେଶ କୁରସାଓ (ବା କ୍ୟୁରସାଓ) ପ୍ରଥମ ଥର ପାଇଁ ବିଶ୍ୱକପ ଖେଳୁଛି । କୁରସାଓଠୁ ଭାରତ ଲୋକସଂଖ୍ୟାରେ ୮୦୦୦ ଗୁଣ ବଡ଼। ଆକାରରେ ୭୪୦୪ଗୁଣ ବଡ଼। ସେମାନେ ବିଶ୍ୱକପ ଖେଳୁଛନ୍ତି, ଆମେ ଦେଖୁଛୁ ।



**ଦୁନିଆର ଯେକୌଣସି ପ୍ରାନ୍ତରେ ଥିବା ଭାରତୀୟ ରେଷ୍ଟୁରାଣ୍ଟର ମେନୁରେ 'ତନ୍ଦୁରୀ' ଖାଇବା ସହଜରେ ଦେଖିବାକୁ ମିଳିଥାଏ । ମାଟିର ପାତ୍ର ସଦୃଶ ଚୁଲାରେ ରୁଟି ସେକିବାର ଏହି ବୈଜ୍ଞାନିକ କଳା ଆଧୁନିକ ନୁହେଁ, ବରଂ ଏହା ଅତି ପ୍ରାଚୀନ ସମୟରୁ ଚାଲିଆସୁଛି । ହରପ୍ପା ସଭ୍ୟତାରୁ ଏହାର ଆରମ୍ଭ ହୋଇଛି ।**

# ତନ୍ଦୁରର ଇତିହାସ

ଆଜି ତନ୍ଦୁରରେ ମାଂସ ଏବଂ ଅନ୍ୟାନ୍ୟ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଥିଲେ ହେଁ, ଇତିହାସ ସୂଚାଏ ଯେ ପ୍ରାୟ ୫,୦୦୦ ବର୍ଷ ପୂର୍ବେ ସିନ୍ଧୁ ସଭ୍ୟତା ବା ହରପ୍ପା ସଭ୍ୟତା ସମୟରୁ ହିଁ ଲୋକମାନେ ଏହି ତନ୍ଦୁରର ଚମତ୍କାରୀ ସ୍ୱାଦ ଉପଭୋଗ କରିଆସୁଛନ୍ତି । ଏହି ଐତିହାସିକ ସ୍ଥାନଗୁଡ଼ିକର ଖନନ ସମୟରେ ମିଳିଥିବା ମାଟିର ସିଲିଣ୍ଡର ଆକୃତିର ଚୁଲା ଏହାର ପ୍ରମାଣ ଦିଏ । ମାଟି ତଳେ ଗାତ କରି କୋଇଲା ନିଆଁରେ ପ୍ରସ୍ତୁତ ଏହି ଚୁଲା ଭିତରେ ତାପମାତ୍ରା ପ୍ରାୟ ୪୦୦ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ପହଞ୍ଚିଥାଏ । ଯାହା ରୁଟି ଏବଂ ମାଂସକୁ ଏକ ସ୍ୱତନ୍ତ୍ର ପୋଡ଼ା ବା ଧୂଆଁଳିଆ ସ୍ୱାଦ ପ୍ରଦାନ କରିଥାଏ । ଯେଉଁ କାରଣରୁ ଏଗୁଡିକର ସ୍ୱାଦ ବଢିଯାଇଥାଏ । ମୋଗଲ ସମ୍ରାଟ ଜାହାଙ୍ଗୀର ଏହି ସ୍ୱାଦପ୍ରତି ଏତେ ଆକୃଷ୍ଟ ଥିଲେ ଯେ ସେ ନିଜର ସେନା ଶିବିର ଯାତ୍ରା ସମୟରେ ମଧ୍ୟ ସାଙ୍ଗରେ ଏକ ପୋର୍ଟେବଲ୍ ତନ୍ଦୁର ରଖୁଥିଲେ ।



## ସାମାଜିକ ସଦ୍‌ଭାବନାର ମାଧ୍ୟମ

ମୋଗଲ ଶାସନ ପରେ ଶିଖ୍ ସମ୍ପ୍ରଦାୟରେ ମଧ୍ୟ ଏହା ବେଶ୍ ଆଦୃତ ହୋଇଥିଲା । ଶିଖ୍ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବ ସମାଜରେ ଧର୍ମନିରପେକ୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ 'ସାଞ୍ଝା ଚୁଲ୍ହା' (ସାଧାରଣ ତନ୍ଦୁର) ବ୍ୟବସ୍ଥା ଆରମ୍ଭ କରିଥିଲେ । ଯେଉଁଠାରେ ସବୁ ବର୍ଗର ମହିଳାମାନେ ଏକାଠି ହୋଇ ରୁଟି ପ୍ରସ୍ତୁତ କରୁଥିଲେ ଏବଂ ସମସ୍ତେ ଏକତ୍ର ଭୋଜନ କରୁଥିଲେ । ୧୯୪୭ ମସିହାରେ ଦେଶର ଐତିହାସିକ ବିଭାଜନ ସମୟରେ କୁନ୍ଦନ ଲାଲ୍ ଗୁଜରାଲ୍ ନାମକ ଜଣେ ବ୍ୟକ୍ତି ପେଶାୱାରରୁ ଦିଲ୍ଲୀକୁ ଶରଣାର୍ଥୀ ଭାବେ ଚାଲିଆସିଥିଲେ । ସେ ନିଜ ସହିତ ୧୯୨୦ ମସିହାରୁ ଆରମ୍ଭ କରିଥିବା ତନ୍ଦୁରୀ ପରମ୍ପରାକୁ ମଧ୍ୟ ନେଇ ଆସିଥିଲେ ଏବଂ ଦିଲ୍ଲୀର ଦରିୟାଗଞ୍ଜରେ ପ୍ରସିଦ୍ଧ 'ମୋତି ମହଲ' ରେଷ୍ଟୁରାଣ୍ଟର ସ୍ଥାପନା କରିଥିଲେ ।





## ଆନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି


ମୋତି ମହଲର ଏହି ମାଟି ଚୁଲାରେ ପ୍ରସ୍ତୁତ କ୍ରିସ୍‌ପି ତନ୍ଦୁରୀ ରୁଟି ଏବଂ ରୋଷ୍ଟେଡ୍ ଚିକେନ୍ ସାରା ବିଶ୍ୱରେ ଚହଳ ପକାଇଥିଲା । ଏହି ରେଷ୍ଟୁରାଣ୍ଟରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ରିଚାର୍ଡ ନିକ୍ସନ, କାନାଡାର ପ୍ରଧାନମନ୍ତ୍ରୀ ପିଆର ଟ୍ରୁଡୋ, ନେପାଳର ମହାରାଜା ଏବଂ ସୋଭିଏତ୍ ନେତାଙ୍କ ସମେତ ଭାରତର ଅନେକ ପ୍ରଧାନମନ୍ତ୍ରୀ ଏବଂ ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଏହି ସ୍ୱାଦିଷ୍ଟ ଖାଦ୍ୟର ଆନନ୍ଦ ନେଇଛନ୍ତି । ପେଶାୱାରର ଏକ ସାଧାରଣ ଦୋକାନରୁ ଆରମ୍ଭ ହୋଇଥିବା ଏହି ମାଟି ଚୁଲାର ସରଳ ଚିନ୍ତାଧାରା ଆଜି ୯୦ରୁ ଅଧିକ ଆଉଟ୍‌ଲେଟ୍ ସହ ବିଶ୍ୱସ୍ତରୀୟ 'ଦ ମୋତି ମହଲ ଗ୍ରୁପ୍'ରେ ପରିଣତ ହୋଇଛି, ଯାହା ଭାରତୀୟ ସରଳ ରୋଷେଇ କଳାକୁ ବିଶ୍ୱରେ ପ୍ରଚାର କରୁଛି ।



# ରାଗି ଠେକୁଆ

**ଆଗକାଳରେ ଛୋଟପିଲାଙ୍କୁ ଗପ ମାଧ୍ୟମରେ ଜୀବନର ଅନେକ ଶିକ୍ଷା ଦିଆଯାଇଥାଏ । ଏହି ଗପ ଗୁଡ଼ିକରେ ସେମାନଙ୍କୁ ଧୈର୍ଯ୍ୟ, କ୍ରୋଧ ଓ ଶାନ୍ତି ବିଷୟରେ ଅନେକ କଥା ବୁଝା ଯାଇଥାଏ । ସେହିଭଳି ଏକ ଗଳ୍ପ ହେଲା ରାଗି ଠେକୁଆ । ଗପ ମାଧ୍ୟରେ କ୍ରୋଧକୁ ନେଇ ଖୁବ ଭଲଭାବେ ବୁଝା ଯାଇଛି ।**

ଏକ ଘଞ୍ଚ ସୁନ୍ଦର ଜଙ୍ଗଲରେ ଗୁଲୁ ନାମକ ଏକ କୁନି ଠେକୁଆ ରହୁଥିଲା । ସେ ଖୁବ୍ ଚଞ୍ଚଳ, ସଫା ମନର ଆଉ ସବୁବେଳେ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ଥିଲା । କିନ୍ତୁ ତା'ର ଏକ ବଡ଼ ଦୋଷ ଥିଲା ଯେ ସେ ବହୁତ ଶୀଘ୍ର ରାଗି ଯାଉଥିଲା ଆଉ କାହାରି କଥା ଧୈର୍ଯ୍ୟର ସହ ଶୁଣୁନଥିଲା । ଦିନେ ଗୁଲୁ ଜଙ୍ଗଲର ନଈକୂଳରେ ବୁଲୁଥିବା ସମୟରେ ଏକ ବଡ଼ ଚେରି ଗଛ ଦେଖିଲା । ଯେଉଁଥିରେ ପେଣ୍ଠା ପେଣ୍ଠା ନାଲି ଟୁକୁଟୁକୁ ମିଠା ଚେରି ଫଳ ପାଚିଥିଲା । ଗୁଲୁ ଖୁସି ହୋଇ ସେଥିରୁ କିଛି ଫଳ ତୋଳି ନିଜ ବାସ୍କେଟରେ ରଖିଲା ଏବଂ ଭାବିଲା ଯେ ଘରକୁ ଯାଇ ସେ ଏହାକୁ ମନଭରି ଖାଇବ । କିନ୍ତୁ ଠିକ୍ ସେତିକି ବେଳେ ଜଙ୍ଗଲର ବୁଢ଼ା ଭାଲୁ ମିଠୁ ସେଠାକୁ ଆସିଲା । ମିଠୁ ଭାଲୁ ଗୁଲୁକୁ କହିଲା, ''ଆରେ ଗୁଲୁ! ତୁମେ ଏହି ଫଳଗୁଡ଼ିକୁ ଏବେ ଖାଅ ନାହିଁ, ମୋ କଥା ଟିକେ ଶୁଣ... । କିନ୍ତୁ ଗୁଲୁ ତା'ର ପୂରା କଥା ଶୁଣିବା ପୂର୍ବରୁ ହିଁ ରାଗିଯାଇ ପାଟି କଲା, ''ମୁଁ ଜାଣିଛି ତୁମେ ଜଙ୍ଗଲର ସବୁଠାରୁ ପେଟୁ ଭାଲୁ, ତୁମେ ମୋ ଫଳଗୁଡ଼ିକୁ ନିଜେ ଖାଇବାକୁ ଚାହୁଁଛ । ସେଥିପାଇଁ ମୋତେ ମନା କରୁଛ! ମୁଁ ତୁମକୁ ଗୋଟିଏ ବି ଫଳ ଦେବିନାହିଁ ।'' ଏହା କହି ଗୁଲୁ ମିଠୁ ଭାଲୁର କୌଣସି ଅନୁରୋଧ ନଶୁଣି ଦୌଡ଼ି ଦୌଡ଼ି ନିଜ ଘରକୁ ପଳାଇଲା ଏବଂ କବାଟ ବନ୍ଦ କରି ସେହି ଚେରିଗୁଡ଼ିକୁ ଗୋଟି ଗୋଟି କରି ଖାଇବାକୁ ଲାଗିଲା । ଫଳଗୁଡ଼ିକ ଖାଇବାର କିଛି ସମୟ ପରେ ଗୁଲୁର ପେଟ ଭୀଷଣ ଜୋରରେ କାଟିବାକୁ ଲାଗିଲା । ସେ ଯନ୍ତ୍ରଣାରେ ଏପଟ ସେପଟ ହୋଇ କାନ୍ଦିବାକୁ ଲାଗିଲା ଏବଂ କାହାରିକୁ ସାହାଯ୍ୟ ପାଇଁ ଡାକିବାକୁ ବି ତା' ପାଖରେ ବଳ ନଥିଲା । ଠିକ୍ ସେତିକି ବେଳେ ବାହାରୁ କବାଟ



ବାଡ଼େଇବା ଶବ୍ଦ ଶୁଣାଗଲା ଆଉ ମିଠୁ ଭାଲୁ ନିଜ ହାତରେ କିଛି ଜଙ୍ଗଲୀ ଗଛର ଔଷଧୀୟ ପତ୍ର ଓ ଚେର ଧରି ଭିତରକୁ ଆସିଲା । ମିଠୁ ଭାଲୁ ଗୁଲୁର ଏହି ଅବସ୍ଥା ଦେଖି ତୁରନ୍ତ ତାକୁ ସେହି ଔଷଧ ପିଆଇ ଦେଲା, ଯାହାଫଳରେ କିଛି ସମୟ ପରେ ଗୁଲୁର ପେଟ କାଟିବା ସମ୍ପୂର୍ଣ୍ଣ ଭଲ ହୋଇଗଲା । ସୁସ୍ଥ ହେବା ପରେ ମିଠୁ ଭାଲୁ ଗୁଲୁକୁ ବୁଝାଇ କହିଲା, ''ମୁଁ ସେତେବେଳେ ତୁମକୁ ଏହା ହିଁ କହିବାକୁ ଚାହୁଁଥିଲି ଯେ, ଏହି ଚେରି ଗଛ ଉପରେ ଆଜି ସକାଳେ ଏକ ବିଷାକ୍ତ କୀଟ ବୁଲୁଥିଲା । ତେଣୁ ଫଳଗୁଡ଼ିକୁ ନଈ ପାଣିରେ ଭଲଭାବେ ନଧୋଇ ଖାଇଲେ ପେଟ ଖରାପ ହେବ । କିନ୍ତୁ ତୁମେ ତ ରାଗରେ ମୋ କଥା ଶୁଣିଲ ହିଁ ନାହିଁ। ଗୁଲୁ ନିଜର ଭୁଲ୍ ବୁଝିପାରିଲା ଯେ ରାଗ ଏବଂ ଅଧୈର୍ଯ୍ୟ କାରଣରୁ ସେ କେବଳ ନିଜର କ୍ଷତି କରିନି, ବରଂ ଜଣେ ଭଲ ସାଙ୍ଗକୁ ମଧ୍ୟ ସନ୍ଦେହ କରି ଅପମାନିତ କରିଛି । ସେ ମିଠୁ ଭାଲୁକୁ କାନ୍ଦି କାନ୍ଦି ନିଜର ବ୍ୟବହାର ପାଇଁ କ୍ଷମା ମାଗିଲା ଏବଂ ପ୍ରତିଜ୍ଞା କଲା ଯେ ସେ ଜୀବନରେ କେବେ ବି ରାଗିବ ନାହିଁ ଏବଂ ସବୁବେଳେ ଅନ୍ୟର କଥାକୁ ଧୈର୍ଯ୍ୟର ସହ ପୂରା ଶୁଣିବ ।

# ସୋମାଲିଆ ରେଫରିଙ୍କୁ ମିଳିଲାନି ଆମେରିକୀୟ ଭିସା

ଫିଫା ବିଶ୍ୱକପ୍ ଆରମ୍ଭ ହୋଇସାରିଛି । ସୋମାଲିଆର ଲୋକପ୍ରିୟ ତଥା ଦକ୍ଷ ରେଫରି ଉମର ଅବଦୁଲ କାଦିର ଆର୍ତାନଙ୍କୁ ଆମେରିକା ସରକାର ଭିସା ଦେବାକୁ ମନା କରି ଦେଇଛି । ଫଳରେ ଫିଫା ରେଫରି ପ୍ୟାନେଲରେ ସ୍ଥାନ ପାଇଥିଲେ ମଧ୍ୟ ବିଶ୍ୱକପରେ ସାମିଲ ହେବାରୁ ବଞ୍ଚିତ ହୋଇଛନ୍ତି । ଯାହା ଆଫ୍ରିକୀୟ ଫୁଟବଲ୍ ଜଗତରେ ଆଲୋଡ଼ନ ସୃଷ୍ଟି କରିଛି । ଗତବର୍ଷ ଆଫ୍ରିକାର ଶ୍ରେଷ୍ଠ ରେଫରି ପୁରସ୍କାର ଲାଭ କରିଥିବା ଉମର ସେଥିପାଇଁ ନିରାଶ ହୋଇ ସ୍ୱଦେଶ ଫେରିବାକୁ ବାଧ୍ୟ ହୋଇଛନ୍ତି। ସୋମାଲିଆରେ କିନ୍ତୁ ତାଙ୍କୁ ଭବ୍ୟ ସ୍ୱାଗତସମ୍ବର୍ଦ୍ଧନା ଦିଆଯାଇଛି । ଆମେରିକା ଭିସା ନଦେଇଥିଲେ ମଧ୍ୟ ସୋମାଲିଆ ସରକାର ତାଙ୍କୁ ଜାତୀୟ ହିରୋର ମର୍ଯ୍ୟାଦା ଦେଇଛନ୍ତି । ତେବେ ଆମେରିକାର ଏଭଳି ବ୍ୟବହାରକୁ ନେଇ ସେଠାକର ଦରକାର ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି । ଆମେରିକୀୟ ଅଧିକାରମାନେ ନିଜର ଏଭଳି ପଦକ୍ଷେପକୁ ଯଥାର୍ଥ ବୋଲି ପ୍ରମାଣିତ କରିବାକୁ ଯାଇ ଉମରଙ୍କର ଆତଙ୍କବାଦୀଙ୍କ ସହ ସଂପର୍କ ଥିବା ସଫେଇ ଦେଇଛନ୍ତି। ଉମର ଏକ ଆତଙ୍କବାଦୀ ସଂଗଠନର ସକ୍ରିୟ ସଦସ୍ୟ ଥିବାର ସୂଚନା ଆମକୁ ମିଳିଛି । ସେଥିପାଇଁ ତାଙ୍କ ବିମାନ ବନ୍ଦରରୁ ହିଁ ସ୍ୱଦେଶ ଫେରାଇ ଦିଆଯାଇଥିଲା ।








# ଭାରତୀୟ ଦଳରେ ଜୁନିୟର ଡ୍ରାଭିଡ


ଭାରତୀୟ ଜାତୀୟ କ୍ରିକେଟ ଟିମର ପୂର୍ବତନ କୋଚ୍ ତଥା ଅଧିନାୟକ ରାହୁଲ ଡ୍ରାଭିଡଙ୍କ ପାଇଁ ଖୁସି ଖବର। ତାଙ୍କ ସାନ ପୁଅ ଅନଭୟ ଡ୍ରାଭିଡଙ୍କୁ ପ୍ରଥମ ଥର ପାଇଁ ଭାରତୀୟ ଟିମରେ ସୁଯୋଗ ମିଳିଛି। ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ ପାଇଁ ଘୋଷଣା ହୋଇଥିବା ୧୯ ବର୍ଷରୁ କମ ଭାରତୀୟ ଟିମରେ ଅନଭୟ ସ୍ଥାନ ପାଇଛନ୍ତି । ଏସ୍ ଶରତଙ୍କ ନେତୃତ୍ୱାଧୀନ ବିସିସିଆଇର ଜୁନିୟର କ୍ରିକେଟ କମିଟି ଜୁଲାଇ ୪ରୁ ଆରମ୍ଭ ହେଉଥିବା ଶ୍ରୀଲଙ୍କା ବିପକ୍ଷ ୩ ଟିକିଆ ଦିନିକିଆ ଓ ୨ଟିକିଆ ବହୁ ଦିବସୀୟ ସିରିଜ ପାଇଁ ସ୍କ୍ୱାଡ ଘୋଷଣା କରିଛି । ରାଜତ ବାଘେଲଙ୍କୁ ୱିକେଟ କିପର ଭାବେ ସ୍କ୍ୱାଡରେ ରଖାଯାଇଛି । କିନ୍ତୁ ବହୁ ଦିବସୀୟ ସିରିଜରେ ଅନଭୟଙ୍କୁ ରଖାଯାଇନି। ମାନବ କ୍ରିଷ୍ଣା ଓ ଆର୍ଯ୍ୟନ ସନ୍ଦେଶ ସକପାଲ ବହୁ ଦିବସ ସିରିଜରେ ୱିକେଟ କିପର ଭୂମିକାରେ ରହିବେ। କର୍ଣ୍ଣାଟକାର ଅନଭୟ ବୟସ ବର୍ଗ କ୍ରିକେଟରେ ନିଜର ଛାପ ଛାଡ଼ିବାକୁ ସକ୍ଷମ ହୋଇଛନ୍ତି। ଗତବର୍ଷ ଭିନୁ ମଙ୍କଡ ଟ୍ରଫିରେ ଅନଭୟଙ୍କ ନେତୃତ୍ୱରେ କର୍ଣ୍ଣାଟକା କ୍ୱାର୍ଟର ଫାଇନାଲ ଯାଇଥିଲା । ଅନଭୟ ମଧ୍ୟ ବ୍ୟାଟିଂରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ । ୬ଟି ମ୍ୟାଚରେ ସେ ୨୨୦ ରନ କରିବାକୁ ସକ୍ଷମ ହୋଇଥିଲେ । ଏହା ମଧ୍ୟରେ ଦୁଇଟି ଅର୍ଦ୍ଧଶତକ ରହିଥିଲା । ଏହି ପ୍ରଦର୍ଶନ ଆଧାରରେ ତାଙ୍କୁ ଏବେ ଭାରତୀୟ ୧୯ ବର୍ଷରୁ କମ୍ ଦଳରେ ସୁଯୋଗ ମିଳିଛି ।

ଅନଭୟଙ୍କ ପୂର୍ବରୁ ୨୦୨୪ରେ ତାଙ୍କ ବଡ଼ ଭାଇ ସମିତ ମଧ୍ୟ ଭାରତୀୟ ୧୯ ବର୍ଷରୁ କମ୍ ଟିମରେ ସୁଯୋଗ ପାଇଥିଲେ । ତାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପାଇଁ ଚୟନ କରାଯାଇଥିଲା । ୨ ବର୍ଷ ପରେ ସମିତଙ୍କ ସାନ ଭାଇ ଅନଭୟ ମଧ୍ୟ ଭାରତୀୟ ୧୯ ବର୍ଷରୁ କମ୍ ଟିମରେ ସାମିଲ ହୋଇଛନ୍ତି । ଏହି ଟିମର ନେତୃତ୍ୱ ଯଶବର୍ଦ୍ଧନ ସିଂହ ଚୌହାନ ନେବେ । ଉଭୟ ଦିନିକିଆ ଓ ବହୁ ଦିବସ ମ୍ୟାଚରେ ଭାରତୀୟ ୧୯ବର୍ଷରୁ କମ୍ ଟିମର କମାଣ ତାଙ୍କୁ ଦିଆଯାଇଛି। ଦୁଇଟି ଯାକ ଫର୍ମାଟରେ ଲକ୍ଷ୍ୟ ରାୟ ଚନ୍ଦାନିଙ୍କୁ ଉପ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି ।

# ମେସୀ, ଆର୍ଜେଣ୍ଟିନା ଟିମର ପାସପୋର୍ଟ ଲିକ

ଫିଫା ବିଶ୍ୱକପ ଫୁଟବଲରେ ଆର୍ଜେଣ୍ଟିନା ଟିମ ସୁରକ୍ଷା ଉଲ୍ଲଂଘନର ଶୀକାର ହୋଇଛି । ଟିମର ଅଧିନାୟକ ଲିଓନେଲ ମେସୀଙ୍କ ସମେତ ଅନ୍ୟମାନଙ୍କ ପାସପୋର୍ଟ ସମ୍ପର୍କୀତ ସମସ୍ତ ଡାଟା ଲିକ ହୋଇଛି । ଯାହା ଏକଚିନ୍ତାର କାରଣ ବୋଲି ସୁରକ୍ଷା ବିଶେଷଜ୍ଞମାନେ କହିଛନ୍ତି । ୱାର୍ମଅପ ମ୍ୟାଚପୂର୍ବରୁ ଏହି ଘଟଣା ସମ୍ମୁଖକୁ ଆସିଛି । ଆମେରିକାର ଜୋର୍ଡାନ ହେୟାର ଷ୍ଟାଡିୟମରେ ଏହି ମ୍ୟାଚ ଆୟୋଜିତ ହେବା ପୂର୍ବରୁ ଖେଳାଳିଙ୍କ ଡାଟା ବିତରଣ ହୋଇଥିଲା। ଷ୍ଟାଡିୟମରେ ୮୮ ହଜାର ଦର୍ଶକ ଉପସ୍ଥିତ ଥିଲେ। ମ୍ୟାଚ ପୂର୍ବରୁ ଅଫିସିଆଲ ଟିମ ଶିଟ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଏଥିରେ ପାସପୋର୍ଟ ନମ୍ବର ଥିଲା । ନିୟମ ଅନୁସାରେ ସାର୍ବଜନୀନ କରାଯିବା ପୂର୍ବରୁ ଡାଟାକୁ ବ୍ଲୋୟର କିମ୍ବା ରିଡେକଟ କରିବା କଥା । ଯାହା ହୋଇ ନ ଥିବାରୁ ଏହା ଲିକ ହୋଇଥିଲା । ଏହି ଘଟଣା ସତ୍ତ୍ୱେ ମେସୀଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ୩-୦ରେ ଆଇସଲାଣ୍ଡକୁ ହରାଇଥିଲା। ଏଥର ବିଶ୍ୱକପ ଆମେରିକା, ମେକ୍ସିକୋ ଓ କାନାଡାରେ ମିଳିତଭାବେ ଆୟୋଜନ କରିଛନ୍ତି। ୩୨ ବଦଳରେ ୨୦୨୬ ସଂସ୍କରଣରେ ଓଭରାଲ ୪୮ ଟିମ ଅଂଶଗ୍ରହଣ କରୁଛନ୍ତି ।





# ଆଇପିଏଲର ଲୋଗୋରେ କାହା ଫଟୋ

ଇଣ୍ଡିଆନ୍ ପ୍ରିମିୟର ଲିଗ୍ ବିଶ୍ୱର ସବୁଠାରୁ ବଡ଼ ଲିଗ୍ ମଧ୍ୟରୁ ଅନ୍ୟତମ । ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ଲୋଗୋରେ ଜଣେ ବ୍ୟାଟସମ୍ୟାନ୍ ଆକ୍ରମଣାତ୍ମକ ସଟ୍ ଖେଳୁଥିବାର ଦର୍ଶାଯାଇଛି । ଯାହା ଟି୨୦ କ୍ରିକେଟର ଦ୍ରୁତ ଏବଂ ରୋମାଞ୍ଚକର ଶୈଳୀକୁ ପ୍ରତିଫଳିତ କରେ । ତଥାପି, ବର୍ଷ ବର୍ଷ ଧରି, କ୍ରିକେଟ୍ ପ୍ରଶଂସକମାନେ ଭାବୁଛନ୍ତି ଯେ ଆଇପିଏଲ ଲୋଗୋରେ ଦେଖାଯାଉଥିବା ବ୍ୟାଟସମ୍ୟାନ୍ କିଏ । ଏହା କଦଣ ବିରାଟ କୋହଲି, ଏମଏସ ଧୋନି, କିମ୍ବା ଏବି ଡିଭିଲିୟର୍ସ? ଆମେ ଆପଣଙ୍କୁ କହିବୁ ଯେ ଆଇପିଏଲ ଲୋଗୋରେ ଦେଖାଯାଉଥିବା ବ୍ୟାଟସମ୍ୟାନ୍ କିଏ? ଅନେକ ଲୋକ ବିଶ୍ୱାସ କରନ୍ତି ଯେ ଲୋଗୋରେ ଜଣେ କିମ୍ବଦନ୍ତୀ ବ୍ୟାଟସମ୍ୟାନ୍‌ଙ୍କ ଚିତ୍ର ବ୍ୟବହାର କରାଯାଇଛି, କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ । ରିପୋର୍ଟ ଅନୁସାରେ, ଆଇପିଏଲ ଲୋଗୋରେ ଦେଖାଯାଉଥିବା ଖେଳାଳି ପ୍ରକୃତରେ ମଶରଫେ ମୋର୍ତାଜାଙ୍କ ଏକ ସଟ୍ ଦ୍ୱାରା ଅନୁପ୍ରାଣିତ । ମଜାର କଥା ହେଉଛି, ମୋର୍ତାଜା ସାଧାରଣତଃ ତାଙ୍କ ବ୍ୟାଟିଂ ପାଇଁ ନୁହେଁ, ତାଙ୍କର ଦ୍ରୁତ ବୋଲିଂ ପାଇଁ ଜଣାଶୁଣା । ତଥାପି, ୨୦୦୭ ଟି୨୦ ବିଶ୍ୱକପ୍ ସମୟରେ, ସେ ଏକ ଆକ୍ରମଣାତ୍ମକ ସଟ୍ ଖେଳିଥିଲେ, ଯାହାର ପ୍ରତିଛବି ଆଇପିଏଲ ଲୋଗୋ ଡିଜାଇନ୍ କରିବା ପାଇଁ ଆଧାର ଭାବରେ ବ୍ୟବହୃତ ହୋଇଥିଲା ।

ଆଇପିଏଲ ଲୋଗୋ ଡିଜାଇନରମାନେ କୌଣସି ଜଣେ ଖେଳାଳିଙ୍କୁ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖି ନଥିଲେ । ସେମାନେ ଟି୨୦ କ୍ରିକେଟର ଉତ୍ସାହକୁ କଏଦ କରିବାକୁ ଚାହୁଁଥିଲେ । ଏହି ସଟ୍ ଆଇପିଏଲର ସମସ୍ତ ଗୁଣଗୁଡ଼ିକୁ ଦର୍ଶାଇଥିଲା । ଏହି କାରଣରୁ, ଜଣେ ବୋଲର ହେବା ସତ୍ତ୍ୱେ, ତାଙ୍କର ବ୍ୟାଟିଂ ମୁହୂର୍ତ୍ତ ଆଇପିଏଲର ପରିଚୟ ପାଲଟିଯାଇଥିଲା । ଆଇପିଏଲ ଆରମ୍ଭ ହେବାର ବର୍ଷ ବର୍ଷ ପରେ, ପ୍ରଶଂସକମାନେ ଲୋଗୋ ବିଷୟରେ ବିଭିନ୍ନ ଦାବି କରିଥିଲେଛ ଅନେକ ବିଶ୍ୱାସ କରୁଥିଲେ ଯେ ଏହା ଏବି ଡିଭିଲିୟର୍ସଙ୍କ ଅଭିନବ ସଟ୍, ସି'ନ ତେନ୍ଦୁଲକରଙ୍କ କ୍ଲାସିକ୍ କଭର ଡ୍ରାଇଭ୍, କିମ୍ବା ବୀରେନ୍ଦ୍ର ସେହଓ୍ୱାଗ ଏବଂ ୟୁସୁଫ ପଠାନଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ସହିତ ସମାନ । ତଥାପି, ଏହି ଦାବିଗୁଡ଼ିକ ମଧ୍ୟରୁ କୌଣସିଟିକୁ ଆନୁଷ୍ଠାନିକ ଭାବରେ ସତ୍ୟ ଭାବରେ ଗ୍ରହଣ କରାଯାଇନଥିଲା ।

ଆଇପିଏଲ ୨୦୦୮ ମସିହାରେ ଆରମ୍ଭ ହୋଇଥିଲା । ଲିଗର ଲୋଗୋକୁ ବ୍ରିଟିଶ ଡିଜାଇନ୍ ଏଜେନ୍ସି ଭେଞ୍ଚର ୩ ଦ୍ୱାରା ଡିଜାଇନ୍ କରାଯାଇଥିଲା । ଡିଜାଇନରଙ୍କ ଲକ୍ଷ୍ୟ କୌଣସି ଜଣେ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ନଥିଲା, ବରଂ ଟି୨୦ କ୍ରିକେଟର ଉତ୍ସାହକୁ ଗୋଟିଏ ଚିତ୍ରରେ କଏଦ କରିବା ଥିଲା । ଏହି କାରଣରୁ ୨୦୦୮ ମସିହାରୁ ମୂଳ ଆଇପିଏଲ ଲୋଗୋ ପ୍ରାୟତଃ ଅପରିବର୍ତ୍ତିତ ଭାବରେ ବ୍ୟବହାର କରାଯାଉଛି ।




# ପ୍ରଶଂସକଙ୍କୁ ଘାଇଲା କଲେ ଅର୍ଜୁନ

ମୁମ୍ବାଇ ଟି-୨୦ ଲିଗ୍ ୨୦୨୬ରେ ସଚିନ ତେନ୍ଦୁଲକରଙ୍କ ପୁଅ ତଥା ଅଲରାଉଣ୍ଡର ଅର୍ଜୁନ ତେନ୍ଦୁଲକର ବ୍ୟାଟିଂ ଓ ବୋଲିଂ ଉଭୟ ବିଭାଗରେ ଦମଦାର ପ୍ରଦର୍ଶନ କରିଛନ୍ତି । ମୁମ୍ବାଇର ପ୍ରସିଦ୍ଧ ୱାଙ୍ଖେଡ଼େ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ତାଙ୍କ ଦଳ ଏଆରସିଏସ ଅନ୍ଧେରୀ, ବାନ୍ଦ୍ରା ବ୍ଲାଷ୍ଟର୍ସକୁ ୯ ୱିକେଟରେ ପରାସ୍ତ କରି ଏକ ସହଜ ବିଜୟ ହାସଲ କରିଛି । ମ୍ୟାଚରେ ଦମଦାର ପ୍ରଦର୍ଶନ ପାଇଁ ଅର୍ଜୁନ ପ୍ଲେୟାର ଅଫ୍ ଦି ମ୍ୟାଚ ହୋଇଛନ୍ତି । ଖେଳ ସମୟରେ ଅର୍ଜୁନ ବିଶାଳ ଛକା ମାରିଥିଲେ । ବଲ୍ ଯାଇ ଷ୍ଟାଣ୍ଡରେ ବସିଥିବା ଜଣେ କୁନି ପ୍ରଶଂସକଙ୍କ ଦେହରେ ବାଜିଥିଲା, ଫଳରେ ସେ ଆହତ ହୋଇଥିଲେ । ମ୍ୟାଚ୍ ଶେଷ ହେବା ପରେ ଅର୍ଜୁନ ନିଜର ମହାନତା ଦେଖାଇ ସେହି କୁନି ପ୍ରଶଂସକଙ୍କୁ ଭେଟିବା ସହ ନିଜ ସ୍ୱାକ୍ଷର ଥିବା ଏକ କ୍ରିକେଟ ବଲ୍ ଉପହାର ସ୍ୱରୂପ ଦେଇଥିଲେ । ଅର୍ଜୁନ ତେନ୍ଦୁଲକରଙ୍କ ଏଭଳି ବ୍ୟବହାର କ୍ରିକେଟପ୍ରେମୀଙ୍କୁ ଖୁସି କରିଛି । ସୋସିଆଲ ମିଡିଆରେ ଅର୍ଜୁନଙ୍କୁ ଲୋକେ ଖୁବ ପ୍ରଶଂସା କରିଛନ୍ତି ।

## ଭାବୁକ ହେଲେ ଅର୍ଜୁନ

ଏହି ଭବ୍ୟ ବିଜୟ ପରେ ଅନ୍ଧେରୀ ଦଳର ଅଧିନାୟକ ତଥା ଷ୍ଟାର ଅଲରାଉଣ୍ଡର ଶିବମ ଦୁବେ ଡ୍ରେସିଂ ରୁମରେ ଅର୍ଜୁନ ତେନ୍ଦୁଲକରଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଦଳର ଅନ୍ୟ ସମସ୍ତ ଖେଳାଳି ଅର୍ଜୁନଙ୍କ ପାଇଁ ଜୋରଦାର କରତାଳି ଦେଇଥିଲେ । ସମସ୍ତଙ୍କ ସମ୍ମୁଖରେ ନିଜର ପ୍ରଶଂସା ଶୁଣି ଅର୍ଜୁନ କିଛି ସମୟ ପାଇଁ ଭାବୁକ ହୋଇପଡ଼ିଥିଲେ, ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।





ଏକାଧିକ ଭାଷାରେ ଅଭିନୟ କରି ନିଜ ପାଇଁ ଇଣ୍ଡଷ୍ଟ୍ରୀରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଅଭିନେତ୍ରୀ ରଚିତା ରାମ । ନିକଟରେ ତାଙ୍କୁ ଏକାଧିକ ହିଟ ଫିଲ୍ମରେ ଦେଖିବାକୁ ମିଳିଛି । ତେବେ ଖୁବଶୀଘ୍ର ତାଙ୍କୁ ସୁପରଷ୍ଟାର ଚିରଞ୍ଜୀବୀଙ୍କ ସହ ଦେଖିବାକୁ ମିଳିବ, ଯାହାକୁ ନେଇ ତାଙ୍କ ଫ୍ୟାନମାନେ ଖୁବ ଉତ୍ସାହିତ ଅଛନ୍ତି ।

# ଭର୍ସାଟାଇଲ ରଚିତା

ଟାଲିଉଡର ମେଗାଷ୍ଟାର ଚିରଞ୍ଜୀବୀଙ୍କ ବହୁପ୍ରତିକ୍ଷିତ ଆଗାମୀ ଚଳଚ୍ଚିତ୍ର ମେଗା ୧୫୮କୁ ନେଇ ସିନେ ଜଗତରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଏହି ଆକ୍ସନ ଓ ଇମୋସନାଲ ଡ୍ରାମା ଭିତ୍ତିକ ସିନେମାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ କନ୍ନଡ଼ ଅଭିନେତ୍ରୀ ରଚିତା ରାମଙ୍କୁ ଚୟନ କରାଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ମାଲାୟାଲମ୍ ଅଭିନେତ୍ରୀ ହନି ରୋଜ୍ ଏହି ଚରିତ୍ର କରିବାର ଥିଲେ ମଧ୍ୟ ଏବେ ତାଙ୍କ ସ୍ଥାନରେ ରଚିତାଙ୍କୁ ସାମିଲ କରାଯାଇଛି । ନିଜର ପ୍ରାରମ୍ଭିକ ଜୀବନରେ ଅନେକ ସଂଘର୍ଷ, ପାରିବାରିକ ଆହ୍ୱାନ ଏବଂ କଠିନ ପରିଶ୍ରମ ମଧ୍ୟ ଦେଇ ଗତି କରିଥିବା ରଚିତା ରାମ କନ୍ନଡ଼ ସିନେମାରେ ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ନିଜକୁ ପ୍ରତିଷ୍ଠିତ କରିଛନ୍ତି । ଏହାସହ ନିକଟରେ ସୁପରଷ୍ଟାର ରଜନୀକାନ୍ତଙ୍କ ବହୁଚର୍ଚ୍ଚିତ ଚଳଚ୍ଚିତ୍ର 'କୁଲି'ରେ 'କଲ୍ୟାଣୀ ଦିଲୀପ' ଚରିତ୍ରରେ ଦମଦାର ଅଭିନୟ କରି ତାମିଲ ସିନେ ଜଗତରେ ଏକ ଶାନଦାର ଡେବ୍ୟୁ ସହ ବଡ଼ ସଫଳତା ହାସଲ କରିଛନ୍ତି । ବ୍ଲକବଷ୍ଟର 'ୱାଲଟେୟାର ବୀରୟା' (୨୦୨୩) ପରେ ନିର୍ଦ୍ଦେଶକ ବବି କୋଲି ଏବଂ ଚିରଞ୍ଜୀବୀଙ୍କ ଏହା ଦ୍ୱିତୀୟ ଚଳଚ୍ଚିତ୍ର ହେବାକୁ ଯାଉଛି । ଏଥିରେ ସଙ୍ଗୀତ ନିର୍ଦ୍ଦେଶକ ଥମନ ଏସ୍ ସଙ୍ଗୀତ ଦେଉଥିବା ବେଳେ ଅଭିନେତ୍ରୀ ଅନଶ୍ୱରା ରାଜନ ମେଗାଷ୍ଟାରଙ୍କ ଝିଅ ଭୂମିକାରେ ନଜର ଆସିବେ । ନିଜର ବ୍ୟକ୍ତିଗତ ଜୀବନକୁ ସର୍ବଦା ଲାଇମଲାଇଟ୍‌ରୁ ଦୂରେଇ ରଖୁଥିବା ରଚିତା ରାମଙ୍କ ପାଇଁ ଏହି ମେଗା ପ୍ରୋଜେକ୍ଟ ଏକ ବଡ଼ ମାଇଲଖୁଣ୍ଟ ସଦୃଶ ହେବ । ଜଣେ ପ୍ରତିଭାବାନ ଅଭିନେତ୍ରୀ ଭାବେ କନ୍ନଡ଼ ଓ ତାମିଲ ପରେ ଏବେ ତେଲୁଗୁ ସିନେମାରେ ଚିରଞ୍ଜୀବୀଙ୍କ ଭଳି ମହାନ କଳାକାରଙ୍କ ସହ ସ୍କ୍ରିନ ଶେୟାର ରଚିତାଙ୍କ କ୍ୟାରିୟରର ସଫଳତାକୁ ଏକ ନୂଆ ଶିଖର ପ୍ରଦାନ କରିଛି। କନ୍ନଡ଼ ଚଳଚ୍ଚିତ୍ର ଜଗତରେ 'ଡିମ୍ପଲ୍ କୁଇନ୍' ଭାବେ ବେଶ୍ ଜଣାଶୁଣା ରଚିତାଙ୍କର ସିନେମା ଜଗତର ସଫଳତା ପଛରେ ରହିଛି କଠିନ ସଂଘର୍ଷର ଏକ ଲମ୍ବା କାହାଣୀ । ଏକ ପାରମ୍ପରିକ କଳାକାର ପରିବାରରୁ ଆସିଥିବା ରଚିତା ଜଣେ ପ୍ରଶିକ୍ଷିତ ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ଏବଂ ତାଙ୍କ ପିତା ମଧ୍ୟ ଜଣେ ନୃତ୍ୟଶିଳ୍ପୀ ଥିଲେ । ସିନେମା ଜଗତରେ ପ୍ରବେଶ କରିବା ପୂର୍ବରୁ ସେ ପ୍ରାୟ ତିନି ବର୍ଷ ଧରି କନ୍ନଡ଼ ଟେଲିଭିଜନର ସୁପରହିଟ୍ ମେଗା ସିରିଏଲ୍ 'ଅରସି'ରେ ମୁଖ୍ୟ ନାୟିକା ଭାବେ ଅଭିନୟ କରି ଘରେ ଘରେ ପରିଚିତ ହୋଇଥିଲେ ।